visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.23 . No.58 Bhubaneswar Friday, April 17,2020 | ୨୩ତମ ବର୍ଷ ସଂଖ୍ୟା-୫୮ ଭୁବନେଶ୍ୱର, ଶୁକ୍ରବାର ଅପ୍ରେଲ ୧୭,୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## କରୋନା ରୋଗୀମାନଙ୍କର ସଠିକ୍ ଯତ୍ନ ନିଆଯାଉଛି

**ଭୁବନେଶ୍ୱର, (ପିଏନ)-:** କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବ୍ୟକ୍ତିଙ୍କ ପରିବାର ଲୋକେ ସେମାନେ ଚିକିତ୍ସିତ ହେଉଥିବା ହସ୍ପିଟାଲକୁ ଯାଇ ପାରିବେ ନାହିଁ। ଏହାଦ୍ୱାରା ସେମାନେ ମଧ୍ୟ ସଂକ୍ରମିତ ହେବାର ଆଶଙ୍କା ରହିଛି। କରୋନା ରୋଗୀମାନଙ୍କର ଚିକିତ୍ସା ପାଇଁ ସରକାର ସମସ୍ତ ବ୍ୟବସ୍ଥା କରିଛନ୍ତି। ବହୁ ରୋଗୀ ସୁସ୍ଥ ହୋଇ ଫେରିଲେଣି। ସରକାରଙ୍କ ଦ୍ୱାରା ଯୋଗାଇଦିଆଯାଇଥିବା ସ୍ୱାସ୍ଥ୍ୟସେବା ପ୍ରତି ସେମାନଙ୍କର ସକରାତ୍ମକ ପ୍ରତିକ୍ରିୟା ରହିଛି ତେଣୁ ଭୟ କରିବାର କୌଣସି କାରଣ ନାହିଁ। ବର୍ତମାନ ସକ୍ରିୟ କେସ୍ ମାନଙ୍କ ମଧ୍ୟରୁ ଅଧିକାଂଶ ରୋଗୀଙ୍କର ସ୍ୱାସ୍ଥ୍ୟବସ୍ଥା ଭଲ ରହିଛି। ସରକାରଙ୍କ ପକ୍ଷରୁ ମାଗଣାରେ ଚିକିତ୍ସା ସୁବିଧା ସହ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଇଛି ବୋଲି ଉନ୍ନୟନ କମିଶନର ସୁରେଶ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ଦୃଢ଼ତାର ସହ କରୋନାର ମୁକାବିଲା ପାଇଁ ସରକାର ରାଜ୍ୟରେ ସ୍ୱାସ୍ଥ୍ୟ ଭିତିଭୂମିର ବିକାଶ ସହ ଡାକ୍ତରଙ୍କ ସ୍ୱତନ୍ତ୍ର ତାଲିମ ଉପରେ ଗୁରୁତ୍ୱ ଦେଉଛନ୍ତି। କରୋନା ସନ୍ଦିଗ୍ଧଙ୍କୁ ଆଇସିୟୁର ଆବଶ୍ୟକତା ପଡ଼ିଲେ, କିପରି ଚିକିତ୍ସା କରାଯିବ, ସେ ସଂପର୍କରେ ବିଭିନ୍ନ ଜିଲ୍ଲାର ଡାକ୍ତରଙ୍କୁ ଏସ୍‌ସିବି ମେଡିକାଲ୍ କଲେଜ୍(କଟକ)ରେ ପ୍ରଶିକ୍ଷଣ ଦିଆଯାଉଛି ବୋଲି ସେ କହିଛନ୍ତି।

## ହ୍ୱାଟସଆପ ଜରିଆରେ ପାଠ ପଢିବେ ଖୋର୍ଧା ଜିଲ୍ଲାର ଛାତ୍ର ଛାତ୍ରୀ

ଭୁବନେଶ୍ୱର,(ପିଏନ)- ଲକଡାଉନ କାରଣରୁ ପିଲା ମାନଙ୍କର ପାଠ ପଢା ପ୍ରଭାବିତ ହେଉଥିବା କାରଣରୁ ଏବେ ପିଲା ମାନେ ହ୍ୱାଟ୍ସ ଆପ ଜରିଆରେ ପାଠ ପଢିବେ। ଶିକ୍ଷା ସଂଯୋଗ ଶିକ୍ଷା ସଂଯୋଗ ହ୍ୱାଟସ ଆପ ଗ୍ରୁପ ଜରିଆରେ ଦ୍ୱିତୀୟ ଶ୍ରେଣୀରୁ ମାଟ୍ରିକ ଯାଏ ପିଲା ମାନେ ପାଠ ପଢିବେ।

ଖୋର୍ଧା ଜିଲ୍ଲାର ୧୦ଟି ବ୍ଲକ ଓ ଭୁବନେଶ୍ୱର ମହାନଗର ନିଗମ ଅଂଚଳର ସବୁ ସ୍କୁଲରେ ଏହି ଶିକ୍ଷା ସଂଯୋଗ ଯୋଜନା ଲାଗୁ ହେବ। ଖୋର୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ଏ ନେଇ ଜିଲ୍ଲାର ସବୁ ବିଇଓ, ପ୍ରଧାନ ଶିକ୍ଷକ ମାନଙ୍କୁ ପତ୍ର ଲେଖିଛନ୍ତି। ସବୁ ଶ୍ରେଣୀ ପାଇଁ ଯେପରି ହ୍ୱାଟସ ଆପ ଗ୍ରୁପ କରା ଯିବ ସେ ନେଇ ଏହି ଚିଠିରେ ଉଲ୍ଲେଖ ରହିଛି।

ଏହା ବ୍ୟତୀତ ଗୁଗଲ ପ୍ଲେ ଷ୍ଟୋରରୁ ଦୀକ୍ଷା ମୋବାଇଲ ଆପ,ଉଜ୍ୱଳା ଏବଂ ଉତଥାନ ଓଡିଶା ଡାଉନ ଲୋଡ କର ପାରିବେ ବୋଲି ପତ୍ରରେ ଉଲ୍ଲେଖ ରହିଛି। ଆସନ୍ତା ୧୯ରୁ ଜୁନ ୨୦ ଯାଏଁ ଏଭଳି ପଦ୍ଧତିରେ ଅନଲାଇନ ଶିକ୍ଷା ଦାନ ଜାରୀ ରଖିବାକୁ ସମସ୍ତ ବିଇଓ ଓ ସ୍କୁଲର ପ୍ରଧାନ ଶିକ୍ଷକ ମାନଙ୍କୁ କୁହା ଯାଇଛି।

## ମୟୁରଭଂଜ, କେନ୍ଦୁଝର ଓ ବାଲେଶ୍ୱର ଗସ୍ତରେ ମୁଖ୍ୟ ସଚିବ

ଭୁବନେଶ୍ୱର, (ପିଏନ୍)- ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଓ ଫାଇଭ ଟି ସଚିବ ଭି.କେ ପାଣ୍ଡିଆନ ମୟୁରଭଂଜ, କେନ୍ଦୁଝର ଓ ବାଲେଶ୍ୱର ଗସ୍ତରେ ଯାଇ ଉକ୍ତ ଜିଲ୍ଲା ମାନଙ୍କରେ କୋବିଡ ହସପିଟାଲ ସମ୍ପର୍କରେ ସମୀକ୍ଷା କରିବେ। ମୁଖ୍ୟ ଶାସନ ସଚିବ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

## କରୋନା ମୁକାବିଲା ପାଇଁ ମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ

# ଏନଡିଆରଏଫ୍ ଢାଞ୍ଚାରେ ସ୍ୱାସ୍ଥ୍ୟ ବିପର୍ଯ୍ୟୟ ପ୍ରଶମନ ତାଲିମ କେନ୍ଦ୍ର ଖୋଲିବାକୁ ପ୍ରସ୍ତାବ

**ଭୁବନେଶ୍ୱର, (ପିଏନ)-** କରୋନା ମୁକାବିଲା ନେଇ ଗୁରୁବାର ଦିନ ଏକ ଉଚ୍ଚ କ୍ଷମତାସମ୍ପନ୍ନ ମନ୍ତ୍ରୀ ସ୍ତରୀୟ ବୈଠକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଅନୁଷ୍ଠିତ ହୋଇଯାଇଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେଅନୁଷ୍ଠିତ ବୈଠକରେ ପଂଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି, ମହିଳା ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ଟୁକୁନି ସାହୁ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବ କିଶୋର ଦାସ ପ୍ରମୁଖ ସାମିଲ ହୋଇଥିଲେ।

ବୈଠକ ପରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ସୂଚନା ଦେଇ କହିଛନ୍ତି ଯେ ରାଜ୍ୟରେ ସ୍ୱାସ୍ଥ୍ୟ ବିପର୍ଯ୍ୟୟ ପ୍ରଶମନ ତାଲିମ କେନ୍ଦ୍ର ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦିଆଯାଇଛି। ରାଜସ୍ୱ ବିଭାଗର ଯେମିତି ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ତାଲିମ କେନ୍ଦ୍ର ରହିଛି, ସେଭଳି ଓଡ଼ିଶାରେ ସ୍ୱାସ୍ଥ୍ୟ ବିପର୍ଯ୍ୟୟ ପ୍ରଶମନ ତାଲିମ କେନ୍ଦ୍ରରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇ ସେମାନଙ୍କୁ ପ୍ରସ୍ତୁତ କରାଯାଇପାରିବ ବୋଲି ସେ କହିଛନ୍ତି। ରାଜ୍ୟରେ ଅଧିକରୁ ଅଧିକ ସଂଖ୍ୟାରେ କୋଭିଡ୍ ପରୀକ୍ଷା ଯେପରି ହୋଇ ପାରିବ ସେ ନେଇ ମନ୍ତ୍ରୀ ଶ୍ରୀ ଦାସ ଗୁରୁତ୍ୱାରୋପ




କରିଥିଲେ। ଏଥିପାଇଁ ବଲାଙ୍ଗୀର ମେଡିକାଲ କଲେଜରେ କୋଭିଡ୍ ପରୀକ୍ଷା ବ୍ୟବସ୍ଥା କରାଯିବା ସହିତ ବୁର୍ଲାରେ ଆଉ ୨ ଗୋଟି ମେସିନ ବସାଯିବାକୁ ପ୍ରସ୍ତାବ ଆଗତ କରିଥିଲେ। ମନ୍ତ୍ରୀ ଦାସ କହିଥିଲେ ଯେ, ଯେତେ ଅଧିକ ପରୀକ୍ଷା କରାଯାଇ ପାରିବ ସେତେ ଅଧିକ ସଂକ୍ରମଣ ରୋକାଯାଇ ପାରିବ। ଏଥିପାଇଁ କେନ୍ଦ୍ର ସରକାର ବିପୁଳ ସଂଖ୍ୟାରେ ପରୀକ୍ଷଣ ସରଞ୍ଜାମ ଯୋଗାଇ ଦେବା ସହିତ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଭୁବନେଶ୍ୱର ସମ୍ ହସପିଟାଲ, କିମ୍ସ ହସପିଟାଲ, ହାଇଟେକ୍ ମେଡିକାଲ କଲେଜରେ ମଧ କୋଭିଡ୍ ପରୀକ୍ଷା ପାଇଁ ଅନୁମତି ପ୍ରଦାନ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ପ୍ରେରଣ ପାଇଁ ମତ ଦେଇଥିଲେ।

ରାଜ୍ୟରେ ଏବେ ୧ ହଜାର ନମୁନା ପରୀକ୍ଷା ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ଆଗାମୀ ଦିନରେ ଏହାକୁ ୨ ରୁ ୩ ହଜାର ନମୁନା ଯେଭଳି ପରୀକ୍ଷା ହୋଇ ପାରିବ ସେ ନେଇ ନିଷ୍ପତି ନିଆଯାଉ ଥିବା ମନ୍ତ୍ରୀ ଶ୍ରୀ ଦାସ ସୂଚନା ଦେଇ କହିଛନ୍ତି ଯେ, ଦିଲ୍ଲୀରେ ୯ ଗୋଟି ନମୁନାରେ ଗୋଟିଏ, ତାମିଲନାଡୁରେ ୧୦ ଗୋଟି ନମୁନାରେ ଗୋଟିଏ ପଜିଟିଭ୍ ବାହାରୁ ଥିବା ବେଳେ ଓଡ଼ିଶାରେ ୧୦୦ ନମୁନାରେ ଗୋଟିଏ ପଜିଟିଭ୍ ବାହାରୁଛି।

ମନ୍ତ୍ରୀ ପ୍ରତାପ ଜେନା କହିଥିଲେ ଯେ ଟ୍ରେନିଂ ଓ କାପାସିଟି ବିଲ୍ଡିଂ କୁ ଗୁରୁତ୍ୱ ଦିଆଯାଉଛି। କୋଭିଡକୁ କିଭଳି ମୁକାବିଲା କରିହେବ ଏବଂ ଅଧିକ ମାନବ ସମ୍ବଳ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଛି। ଗୋଷ୍ଠୀ ସ୍ତରରେ କରୋନା ମୁକାବିଲା ପାଇଁ ଅଧିକ ମ୍ୟାନ ପାୱାର ନିୟୋଜିତ ହୋଇପାରିବେ ସେନେଇ ଆଲୋଚନା ହୋଇଛି। ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ଏ ଏନଏମ ଓ ଡାକ୍ତର ମାନକୁ ଅଧିକ ସଂଖ୍ୟାରେ ତାଲିମ ପାଇଁ ଗୁରୁତ୍ୱ ଦିଆଯାଇଛି। ବର୍ତମାନ ସୁଧା ଏକ ଲକ୍ଷ ୫୩ ହଜାର ଜଣଙ୍କୁ ତାଲିମ ଦିଆଯାଇଛି। ଅଧିକ ତାଲିମ ଦିଆଯିବା ପାଇଁ ବ୍ୟବସ୍ଥା କରାଯାଉଛି। ସବୁ ପୁରୁଣା ଓ ନୂଆ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ କରୋନା ଟେଷ୍ଟିଂ ଲାବ୍ରୋଟାରୀ ଖୋଲିବା ପାଇଁ ସୁପାରିଶ କରାଯାଇଛି। ସେହିପରି ରାପିଡ ଟେଷ୍ଟ ପାଇଁ ଟେଷ୍ଟିଂ କିଟ୍ କିଣିବାକୁ ସୁପାରିଶ କରାଯାଇଛି ବୋଲି ଶ୍ରୀ ଜେନା କହିଛନ୍ତି।

# ଆର୍ଥିକ ସହାୟତା ବନ୍ଦ କରିବା ନେଇ ଟ୍ରମ୍ପଙ୍କ ଉପରେ ଡବ୍ଲ୍ୟୁଏଚଓ ଖପ୍ପା

ଜିନେଭା/ୱାଶିଂଟନ: ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚଓ)ର ପ୍ରମୁଖ ବୁଧବାର ମିଳିତ ଜାତିସଂଘର ଏଜେନ୍ସିର ଫଣ୍ଡିଂ ରୋକିବା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିଷ୍ପତି ଉପରେ ଦୁଃଖ ପ୍ରକଟ୍ କରିଛନ୍ତି। ମାତ୍ର ଏବେ ଦୁନିଆକୁ କରୋନା ଭାଇରସ୍ ବିରୁଦ୍ଧ ଲଢେଇରେ ଏକଜୁଟ୍ ହେବାର ସମୟ ଆସିଛି।



ଟ୍ରମ୍ପଙ୍କ ଏହି ପଦକ୍ଷେପରେ ଦୁନିଆର ଅନେକ ଦେଶର ନେତା ସମାଲୋଚନା କରିଛନ୍ତି। ଡବ୍ଲ୍ୟୁଏଚଓର ମହା ନିର୍ଦ୍ଦେଶକ ଟେଡ୍ରୋସ୍ ଅଦନୋମ ଘେବ୍ୟସିୟସ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଆମେରିକା ଡବ୍ଲ୍ୟୁଏଚଓର ଏକ ଲମ୍ବା ସମୟରୁ ସ୍ଥାୟୀ ଓ ଉଦାର ମିତ୍ର ରହି ଆସିଛି ଏବଂ ଆମେ ଆଶା କରୁଛୁ ଯେ, ଏହା ଆଗକୁ ମଧ ଜାରି ରହିବ।ଟେଡ୍ରୋସ୍ କହିଛନ୍ତି ଯେ, ୟୁଏନ ଆମେରିକା ଆର୍ଥିକ ସହାୟତା ରୋକିବା ପରେ ଡବ୍ଲ୍ୟୁଏଚଓ ଉପରେ ପଡିବାକୁ ଥିବା ପ୍ରଭାବର ସମୀକ୍ଷା କରିବ। ଆମେ ନିଜର ଭାଗିଦାରୀଙ୍କ ସହିତ ମିଶି କୌଣସି ପ୍ରକାରର ଅଭାବକୁ ଦୂର କରିବା ଦିଗରେ କାମ କରିବୁ ଏବଂ ସୁନିଶ୍ଚିତ କରିବୁ ଯେ, ଆମର କାମ ନିର୍ବାଧ ଭାବେ ଜାରି ରହୁ। ଡବ୍ଲ୍ୟୁଏଚଓ ବିଶେଷ କରି କରୋନା ଭାଇରସ୍ ମହାମାରୀ ବିରୋଧୀ ଅଭିଯାନ ପାଇଁ ଏକ ଅରବ ଡଲାରରୁ ଅଧିକ ଆର୍ଥିକ ସହାୟତା ପାଇଁ ଅପିଲ କରିଛି।

ବିଲ୍ ଗେଟ୍ସ ମଧ ଏହି ବିଷୟରେ ଏକ ଟୁଇଟ୍ କରି କହିଛନ୍ତି ଯେ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ ଆର୍ଥିକ ସହାୟତା ରୋକିବା ବିପଦଜ୍ଜନକ ଅଟେ। ଦୁନିଆକୁ ଏବେ ପୂର୍ବାପେକ୍ଷା ଡବ୍ଲ୍ୟୁଏଚଓର ଅଧିକ ଆବଶ୍ୟକତା ରହିଛି। ଆମେରିକା ୨୦୧୯ରେ ଡବ୍ଲ୍ୟୁଏଚଓକୁ ୪୦୦ ମିଲିୟନ ଡଲାରରୁ ଅଧିକ ଯୋଗଦାନ ଦେଇଥିଲା, ଯାହା ମୋଟ୍ ବଜେଟର ୧୫ ପ୍ରତିଶତ। ଟ୍ରମ୍ପ ପ୍ରଶାସନର ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ୱାଶିଂଟନ ପ୍ରାୟ ୫୮ ମିଲିୟନ ଡଲାରର ଯୋଗଦାନ ରୋକିବ, ଯାହା ୨୦୨୦ରେ ଦିଆଯିବାର ଥିଲା। ଏବେ ଏହି ଅର୍ଥକୁ ଅନ୍ୟ ଭାଗିଦାରୀଙ୍କ ସହିତ ଖର୍ଚ୍ଚ କରାଯିବ।

# ୮ରୁ ୧୦ ଦିନ ଗୁରୁତ୍ୱପୂର୍ଣ୍ଣ, ସାମାଜିକ ଦୂରତା ପାଳନ କରନ୍ତୁ : ଉନ୍ନୟନ କମିଶନର




ଭୁବନେଶ୍ୱର,(ପିଏନ)-କରୋନା ସଂକ୍ରମଣ କ୍ଷେତ୍ରରେ ଅନ୍ୟ ରାଜ୍ୟ ଏବଂ ଦେଶ ଅପେକ୍ଷା ଓଡିଶା ସୁବିଧାଜନକ ସ୍ଥିତିରେ ରହିଛି। ତେବେ ଏହାକୁ ହେୟ ଜ୍ଞାନ କରି ବାହାରକୁ ଯାଆନ୍ତୁ ନାହିଁ। ସାମାଜିକ ଦୂରତା ପାଳନ କରନ୍ତୁ। ଆଗାମୀ ୮ରୁ ୧୦ ଦିନ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। କେବଳ ବାହାରେ ନୁହେଁ, ଘରେ ବି ସାମାଜିକ ଦୂରତ୍ୱ ରଖିବା, ବୟସ୍କ ଓ ଛୋଟ ପିଲାଙ୍କଠୁ ନିଜକୁ ଦୂରେଇ ରଖନ୍ତୁ ବୋଲି ଅତିରିକ୍ତ ମୁଖ୍ୟ ସଚିବ ତଥା ଉନ୍ନୟନ କମିଶନର ସୁରେଶ ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ସେ କହିଛନ୍ତି ଯେ ଲକ୍ ଡାଉନ୍ ର ପ୍ରଥମ ପର୍ଯ୍ୟାୟକୁ ଓଡିଶାବାସୀ ସଫଳ କରିଛନ୍ତି। ସେଥିପାଇଁ ଓଡିଶାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ନିୟନ୍ତ୍ରଣରେ ଅଛି। ଦ୍ୱିତୀୟ ପର୍ଯ୍ୟାୟ ଲକ୍ ଡାଉନ୍ କୁ ମଧ୍ୟ ରାଜ୍ୟବାସୀ ପାଳନ କରିବେ ବୋଲି ଆଶା ରଖାଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ବହୁ ଗୁରୁତ୍ୱପୂର୍ଣ୍ଣ। ବର୍ତମାନ ସୁଦ୍ଧା ଓଡିଶାରେ ପଜିଟିଭ୍ ଙ୍କ ସଂଖ୍ୟା ୬୦ ରହିଛି। ରାଜ୍ୟରେ କରୋନା ଟେଷ୍ଟିଂ କାପାସିଟି ବଢିଛି। ଏବେ ଦୈନିକ୧୨୦୦ରୁ ୧୩୦୦ ଟେଷ୍ଟ ହେଉଛି। ଆଗକୁ ଆହୁରି ବଢିବ। ରାଜ୍ୟର ସବୁ ଜିଲ୍ଲାରେ ଟେଷ୍ଟ କରାଯିବ। ଲକ୍ଷଣ ନଥିବା ବ୍ୟକ୍ତିଙ୍କର ମଧ୍ୟ ଟେଷ୍ଟ କରାଯିବ। ଯେତେ ଶୀଘ୍ର ପଜିଟିଭ୍ ଚିହ୍ନଟ ବ୍ୟକ୍ତି ହେବେ ସେତେଶୀଘ୍ର ଆମେ ରକ୍ଷା ପାଇପାରିବା ବୋଲି ସେ କହିଛନ୍ତି।

ସେ_ଆହୁରି କହିଛନ୍ତି ଯେ କରୋନା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ୩୫ ଟି କୋଭିଡ୍ ହସ୍ପିଟାଲ ଖୋଲାଯାଉଛି। ଏପର୍ଯ୍ୟନ୍ତ ୨୪ ଟି କାର୍ଯ୍ୟକ୍ଷମ ହୋଇପାରିଛି। ଏଥିରେ ୩୯୫୧ ଟି ଶଯ୍ୟା ଏବଂ ୨୯୩ ଟି ଆଇସିୟୁର ବ୍ୟବସ୍ଥା ରହିଛି। ଆଗାମୀ ୨୦ ତାରିଖ ମଧ୍ୟରେ ଆଉ ୧୧ ଟି କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହେବ। ଏଥିରେ ୧୮୭୦ ଟି ଶଯ୍ୟା ରହିଥିବା ବେଳେ ଆଇସିୟୁ ୭୩ ଟି ରହିଛି।

କୋଭିଡ୍ ୧୯ ସଂକ୍ରମିତ ମାନଙ୍କୁ ସାଧାରଣ ହସ୍ପିଟାଲରେ ଭର୍ତି କରାଯିବା ଫଳରେ ଅନ୍ୟ ରୋଗୀ ମାନେ ସଂକ୍ରମିତ ହେବାର ସମ୍ଭାବନା ଯଥେଷ୍ଟ ଅଧିକ ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କୋଭିଡ୍ ୧୯ ପାଇଁ ସ୍ୱତନ୍ତ୍ର ହସ୍ପିଟାଲ ପ୍ରସ୍ତୁତ କରିବାକୁ ନିଷ୍ପତି ନେଇଥିଲେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

## ଟେଷ୍ଟ ନେଗେଟେଭ୍ ବାହାରିଲେ ପୁଣି କାର୍ଯ୍ୟରେ ନିୟୋଜିତ ହୋଇପାରିବେ ସ୍ୱାସ୍ଥ୍ୟକର୍ମୀ

**ଭୁବନେଶ୍ୱର, (ପିଏନ)-** ରାଜ୍ୟର ଯେଉଁ ଜିଲ୍ଲାରେ କରୋନା ସଂକ୍ରମଣ ହୋଇନାହିଁ ସେହି ଜିଲ୍ଲାରେ ପ୍ରତି ୧୦ ହଜାରରେ ଗୋଟିଏ ସାମ୍ପୁଲ ପରୀକ୍ଷା ହେବ। ଯେଉଁ ଡାକ୍ତର ନର୍ସ ଏବଂ ପାରା ମେଡିକାଲ ଷ୍ଟାଫ୍ କରୋନା ରୋଗୀଙ୍କ ସେବା କରୁଛନ୍ତି ୧୫ ଦିନ ପରେ ସେମାନଙ୍କ ସ୍ୱାବ ପରୀକ୍ଷା ହେବା ସହ ସେମାନଙ୍କୁ ହସ୍ପିଟାଲରେ ଫ୍ୟାସିଲିଟି କ୍ୱାରେଂଟାଇନ ରେ ରଖାଯିବ। ସ୍ୱାବ ପରୀକ୍ଷା ପରେ ଯଦି କରୋନା ଲକ୍ଷଣ ନ ବାହାରିଲା ସେମାନେ ପୁଣି ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ହେବେ ବୋଲି ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଅଜିତ ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ହଟ୍ ସ୍ପଟ୍ ଭାବେ ଚିହ୍ନଟ ହୋଇଥିବା ଦୁଇ ଜିଲ୍ଲାରେ ୩ଟି ପର୍ଯ୍ୟାୟରେ କରୋନା ପରୀକ୍ଷା ହେବ। ପ୍ରଥମ ପର୍ଯ୍ୟାୟରେ କରୋନା ରୋଗୀଙ୍କୁ ଚିକିତ୍ସା କରୁଥିବା ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ କର୍ମଚାରୀ ଏବଂ ରୋଗୀ ଙ୍କ ପରିବାରର ସ୍ୱାବ ଟେଷ୍ଟ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ପୋଲିସ ଓ ମ୍ୟୁନିସିପାଲଟି ସଫେଇ କର୍ମଚାରୀ ଙ୍କ ନମୂନା ପରୀକ୍ଷା ହେବ ଏବଂ ତୃତୀୟ ପର୍ଯ୍ୟାୟରେ ବଳକା ଲୋକଙ୍କ ରେଣ୍ଡମଲି ପରୀକ୍ଷା ହେବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

# କଣ୍ଟେନମେଣ୍ଟ ଜୋନରେ କଟକଣାକୁ ଆହୁରି କଡାକଡି କରାଯିବ

**ଭୁବନେଶ୍ୱର, (ପିଏନ)-** କରୋନା ସଂକ୍ରମଣକୁ ରୋକିବା ପାଇଁ କଂଟେନମେଂଟ ଜୋନ ଗୁଡିକରେ କଟକଣାକୁ ଆହୁରି କଡାକଡି କରିବାକୁ ନିର୍ଦ୍ଦେଶ ଦିଆ ଯାଇଛି। ରାଜ୍ୟର ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଏ ସମ୍ପର୍କରେ ପୋଲିସ ମହା ନିର୍ଦ୍ଦେଶକ, ସମସ୍ତ ଅତିରିକ୍ତ ସଚିବ, ପ୍ରମୁଖ ସଚିବ, ସବୁ ଜିଲ୍ଲାର ଜିଲ୍ଲାପାଳ, ପୋଲିସ କମିଶନର, ସବୁ ମ୍ୟୁନିସିପାଲ କମିଶନର, ପୌର ନିର୍ବାହୀ ଅଧିକାରୀଙ୍କୁ ପତ୍ର ଲେଖିଛନ୍ତି। ଏହି ଚିଠିରେ ଉଲ୍ଲେଖ ରହିଛି ଯେ ଉକ୍ତ ନିର୍ଦ୍ଦିଷ୍ଟ ଅଂଚଳରେ ସମ୍ଭାବିତ ସଂକ୍ରମଣକୁ ରୋକିବା ପାଇଁ ହୋଇଥିବା କଂଟେନମେଂଟ ଜୋନକୁ ସମ୍ପୂର୍ଣ୍ଣ ବ୍ୟାରିକେଟ କରା ଯାଇ ତା ମଧ୍ୟକୁ ପ୍ରବେଶ ଓ ପ୍ରସ୍ଥାନକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରା ଯିବ। ଏହି କଂଟେନମେଂଟ ଜୋନରେ ଏକାକୀ ରହୁଥିବା ମହିଳାଙ୍କ ଘର, ବୟସ୍କ ବ୍ୟକ୍ତି ତଥା ଗର୍ଭବତୀ ମହିଳା, ଗୁରୁତର ଅସୁସ୍ଥ ବ୍ୟକ୍ତି ଓ ଦିବ୍ୟାଙ୍ଗ ମାନଙ୍କ ଉପରେ ବିଶେଷ ଧ୍ୟାନ ଦେବାକୁ କୁହା ଯାଇଛି। କଂଟେନମେଂଟ ଜୋନରେ ଅଙ୍ଗନବାଡି କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ଶିକ୍ଷକଙ୍କ ଟିମ ଘର ଘର ବୁଲି ଲୋକ ମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବେ। ଫ୍ଲୁ ଭଳି ଲକ୍ଷଣ ଥିବା ସମସ୍ତ ବ୍ୟକ୍ତିଙ୍କ ନମୁନା ସଂଗ୍ରହ କରି ପରୀକ୍ଷା କରା ଯିବ ବୋଲି ଏଥିରେ ଉଲ୍ଲେଖ ରହିଛି। ସେହିପରି ଏହି କଂଟେନମେଂଟ ଜୋନରେ ଲୋକ ମାନଙ୍କୁ କିପରି ଜରୁରୀ ସାମଗ୍ରୀ ଓ ଆବଶ୍ୟକୀୟ ଔଷଧ ମିଳି ପାରିବ ସେ ନେଇ ସ୍ଥାନୀୟ ପ୍ରଶାସନ ପଦକ୍ଷେପ ନେବାକୁ ଏଥିରେ ଉଲ୍ଲେଖ ରହିଛି। କଂଟେନମେଂଟ ଜୋନ ଅଂଚଳରେ ପ୍ରମୁଖ ବ୍ୟକ୍ତିଙ୍କୁ ନେଇ ହ୍ୱାଟସ ଆପ ଗ୍ରୁପ କରା ଯିବ। ଏହି ଗ୍ରୁପ ଜରିଆରେ ଏହି ଅଂଚଳରେ ପ୍ରଶାସନ ପକ୍ଷରୁ ନିଆ ଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦିଆ ଯିବ। ଦୁଇ ରାଉଣ୍ଡ ସର୍ଭେ ପରେ ଯଦି କୌଣସି ନୂଆ ପଜିଟିଭ ମାମଲା ସାମନାକୁ ନ ଆସେ ତେବେ ସଂପୃକ୍ତ ଅଂଚଳରୁ କଂଟେନମେଂଟ ଜୋନ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରା ଯିବ।

## ସ୍ୱାସ୍ଥ୍ୟ ଓ ମୋଟରଯାନ ତୃତୀୟ ପକ୍ଷ ବୀମା ପ୍ରିମିୟମ ଦେୟ ମିଆଦ ମେ ୧୫ ଯାଏ ବଢିଲା

**ଭୁବନେଶ୍ୱର, (ପିଏନ)-** କରୋନା ଭୂତାଣୁ ସଂକ୍ରମଣର ମୁକାବିଲା ପାଇଁ ଦେଶବ୍ୟାପୀ ଲକଡାଉନ ଜାରି ହୋଇଥିବାରୁ ବୀମା ପଲିସିଧାରୀଙ୍କ ସୁବିଧା ପାଇଁ କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ଓ ମୋଟରଯାନ ତୃତୀୟ ପକ୍ଷ ବୀମା ପ୍ରିମିୟମ ଦେୟ ଓ ପଲିସି ନବୀକରଣ ମିଆଦକୁ ଆସନ୍ତା ମେ ୧୫ ଯାଏ ବଢାଇ ଦେଇଛନ୍ତି। ଏହି ମର୍ମରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଯେଉଁ ପଲିସିଧାରୀଙ୍କର ସ୍ୱାସ୍ଥ୍ୟ ଓ ମୋଟରଯାନ ତୃତୀୟ ପକ୍ଷ ବୀମା ମିଆଦ ପୂରି ଯାଇଛି ସେମାନେ ଲକଡାଉନ ସମୟରେ ବ୍ୟସ୍ତ ନ ହୋଇ ମେ ମାସ ୧୫ ତାରିଖ ମଧ୍ୟରେ ଏ ବାବଦ ଦେୟ ପୈଠ କରି ପଲିସିର ନବୀକରଣ କରିପାରିବେ ବୋଲି ଏହି ବିଜ୍ଞପ୍ତିରେ କୁହାଯାଇଛି।ଏହି ଅତିରିକ୍ତ ସମୟ ମଧ୍ୟରେ ପଲିସିଧାରୀଙ୍କୁ କ୍ଲେମ ପେମେଂଟ ସୁବିଧା ମଧ ମିଳିବ।ମାର୍ଚ୍ଚ ୨୫ରୁ ମେ ୩ ମଧ୍ୟରେ ଯେଉଁ ପଲିସିଧାରୀଙ୍କର ବୀମାପତ୍ର ନବୀକରଣ ଲକଡାଉନ ଯୋଗୁ ସମ୍ଭବ ହେବନାହିଁ ଏବଂ ସେମାନଙ୍କର ନବୀକରଣ ଓ ଦେୟ ପ୍ରଦାନ ତାରିଖ ଏହା ମଧ୍ୟରେ ପଡୁଛି ସେମାନେ ଏହି ଅତିରିକ୍ତ କୋହଳ ସମୟର ସୁଯୋଗ ନେଇପାରିବେ। ଏଥିପାଇଁ ମେ ୧୫ ତାରିଖ ଯାଏ ସମୟ ଧାର୍ଯ୍ୟ କରାଯାଇଛି। ଅତିରିକ୍ତ କୋହଳ ସମୟରେ ପଲିସି ନବୀକରଣ କଲେ କ୍ଲେମ ପାଇଁ କୌଣସି ଅସୁବିଧା ରହିବ ନାହିଁ ଏବଂ ବୀମାକୃତ ହୋଇନଥିବା ସମୟକୁ ବୀମାଭୁକ୍ତ ଭାବେ ବିଚାର କରାଯିବ।

## କରୋନା ମୁକାବିଲା ପାଇଁ ଅଙ୍ଗନବାଡି, ଆଶାକର୍ମୀଙ୍କୁ ଦିଆଯିବ ତାଲିମ

**ଭୁବନେଶ୍ୱର, (ପିଏନ)-**କରେନା ମୁକାବିଲା ଲାଗି ଅଧିକରୁ ଅଧିକ ସଂଖ୍ୟାରେ ଅଙ୍ଗନବାଡି, ଆଶାକର୍ମୀ, ଏଏନଏମ, ନର୍ସ ଓ ଡାକ୍ତରମାନଙ୍କୁ ତାଲିମ ପ୍ରଦାନ କରାଯିବ। ବର୍ତମାନ ସୁଦ୍ଧା ଏକ ଲକ୍ଷ ୫୩ ହଜାର ଜଣଙ୍କୁ ତାଲିମ ପ୍ରଦାନ କରାଯାଇଥିବାବେଳେ ଗୋଷ୍ଠି ସ୍ତରରେ କିଭଳି ଅଧିକ ତାଲିମ ଦିଆଯିବ ତାହା ଉପରେ ମନ୍ତ୍ରୀ ସ୍ତରୀୟ ବୈଠକରେ ଗୁରୁତ୍ୱ ଦିଆଯାଇଥିବା କହିଛନ୍ତି ରାଜ୍ୟ ପଚଂାୟତିରାଜ, ପାନୀୟଜଳ, ଗୃହ ଓ ନଗର ଉନ୍ନୟନ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା।

ଆଜି ବସିଥିବା ଉଚ୍ଚ କ୍ଷମତା ସମ୍ପନ୍ନ ମନ୍ତ୍ରୀ ସ୍ତରୀୟ ବୈଠକପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ କ୍ଷେତ୍ର ସ୍ତରରେ ଅଧିକରୁ ଅଧିକ କର୍ମୀଙ୍କୁ ତାଲିମ ପ୍ରଦାନ କରାଗଲେ ପରବର୍ତୀ ସମୟରେ କରୋନା ମୁକାବିଲାରେ ସେମାନଙ୍କୁ ବ୍ୟବହାର କରାଯାଇ ପାରିବ। ଏଥି ସହିତ ସମସ୍ତ ମେଡିକାଲ କଲେଜରେ କରୋନା ପରୀକ୍ଷା ପାଇଁ ପରୀକ୍ଷାଗାର ସ୍ଥାପନ ନେଇ ବୈଠକରେ ଆଲୋଚନା ହୋଇଛି। କରୋନା ପରୀକ୍ଷା ଲାଗି ଆବଶ୍ୟକ ପଡୁଥିବା ରାପିଡ ଟେଷ୍ଟ କିଟ୍ ଓ ଆଜିଥ୍ରୋମାଇସିନ ଭଳି ଔଷଧ ଖରିଦ କରିବା ଲାଗି ଆସିଥିବା ପ୍ରସ୍ତାବକୁ ବୈଠକରେ ଅନୁମୋଦନ କରାଯାଇଛି। ସେହିଭଳି ପ୍ରତିଷ୍ଠା ହେବାକୁ ଥିବା କରୋନା ପରୀକ୍ଷାଗାର ଗୁଡିକରେ ଆବଶ୍ୟକ ମାନବସମ୍ବଳ ଚୁକ୍ତି ଭିତିରେ ମୁତୟନ ଉପରେ ମଧ୍ୟ ଆଲୋଚନା ହୋଇଛି।

ଆବଶ୍ୟକ ଥିବା ବ୍ୟକ୍ତିଗତ ସୁରକ୍ଷା କିଟ୍ (ପିପିଇ) ସଂକ୍ରାନ୍ତରେ ଶ୍ରୀ ଜେନା କହିଛନ୍ତି ଯେ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ପିପିଇ ମହଜୁଦ ରହିଛି। ଏହାର କୌଣସି ଅଭାବ ନାହିଁ। ଯଦି ଅଧିକ ଆବଶ୍ୟକ ହୁଏ ତେବେ ରାଜ୍ୟସରକାର ତୁରନ୍ତ ତାହା ଯୋଗାଇଦେବେ। ପ୍ରବାସୀ ଓଡିଆ ଶ୍ରମିକମାନଙ୍କ ସଂକ୍ରାନ୍ତରେ ମନ୍ତ୍ରୀ କହିଛନ୍ତି ଯେ ପ୍ରବାସୀ ଓଡିଆମାନଙ୍କ କଥା ବୁଝିବାପାଇଁ ମୁଖ୍ୟମନ୍ତ୍ରୀ ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ପ୍ରତ୍ୟେକ ଜିଲ୍ଲାପାଇଁ ଜଣେ ଜଣେ ନୋଡାଲ ଅଫିସର ନିଯୁକ୍ତ ହୋଇଛନ୍ତି। ଯେଉଁସବୁ ରାଜ୍ୟରେ ଓଡିଆ ଶ୍ରମିକମାନେ ଅଟକି ରହିଛନ୍ତି ସେଠାକାର ପ୍ରଶାସନ ସହିତ କଥାହୋଇ ସମସ୍ତ ପ୍ରକାର ସୁବିଧା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଜେନା ସୂଚନା ଦେଇଛନ୍ତି।

# ଲକଡାଉନ : ନିର୍ମାଣ ଶ୍ରମିକଙ୍କୁ ମିଳିଲା ୧୫୦୦ ଟଙ୍କାର ଆର୍ଥିକ ସହାୟତା

**ନୂଆଦିଲ୍ଲୀ :** ( କରୋନା ମହାମାରୀ (କୋଭିଡ-୧୯) ସଂକ୍ରମଣ କାରଣରୁ ବର୍ତମାନ ଦେଶବ୍ୟାପୀ ଦ୍ୱିତୀୟ ପର୍ଯ୍ୟାୟ ଲକଡାଉନ ଜାରି ରହିଛି। ଏଭଳି ସ୍ଥିତିରେ ବିଭିନ୍ନ ପ୍ରକାରର ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଯିବା କାରଣରୁ ନିର୍ମାଣ ଶ୍ରମିକଙ୍କ ରୋଜଗାରର ବାଟ ବନ୍ଦ ହୋଇଯାଇଛି। ତେବେ ଏହି ମାନ୍ଦାବସ୍ଥା ସମୟରେ ସେମାନଙ୍କ ଜୀବନ ଧାରଣକୁ ସହଜ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକମାନଙ୍କୁ ୧୫୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଏହାଦ୍ୱାରା ବହୁସଂଖ୍ୟକ ନିର୍ମାଣ ଶ୍ରମିକ ଉପକୃତ ହୋଇଛନ୍ତି।

ତଥ୍ୟ ଅନୁଯାୟୀ, ଏପ୍ରିଲ ୧୩ ତାରିଖ ସୁଦ୍ଧା କେନ୍ଦ୍ର ସରକାରଙ୍କ ଆଇନ ଅନୁଯାୟୀ ଗଠନ କରାଯାଇଥିବା ତଥା ବିଭିନ୍ନ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠିରୁ ୨.୧୭ କୋଟି ନିର୍ମାଣ ଶ୍ରମିକଙ୍କୁ ୧୫ଶହ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇସାରିଲାଣି।

ଏହି ଯୋଜନା ଅଧୀନରେ ୩.୦୭ କୋଟି ହିତାଧିକାରୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇସାରିଛି। ଏହି ଆର୍ଥିକ ସହାୟତା ପାଇଁ ବହୁସଂଖ୍ୟକ ନିର୍ମାଣ ଶ୍ରମିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ନିକଟରେ ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡ଼ା ପଂଚାୟତ ବନ୍ଧୁଗୁଡ଼ା ଗ୍ରାମରେ ବଣ୍ଡା ଜନଜାତିର ନିର୍ମାଣ ଶ୍ରମିକମାନଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ୧୫ ଶହ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସଂପୃକ୍ତ ଗ୍ରାମର ଯାତ୍ରୀ ବିଶ୍ରାମାଗାରରେ ହିତାଧିକାରୀଙ୍କୁ ଏହି ଅର୍ଥ ପ୍ରଦାନ କରାଯାଇଥିଲା। ଏଥିପାଇଁ ସାମାଜିକ ଦୂରତା ବଜାୟ ରଖିବାକୁ ପରାମର୍ଶ ଦିଆଯାଇଥିବା ବେଳେ ହିତାଧିକାରୀମାନେ ୧ ମିଟର ଦୂରତାରେ ଠିଆ ହୋଇ ଏହି ଅର୍ଥ ଗ୍ରହଣ କରିଥିଲେ। ଏଥିପାଇଁ ମୁଦୁଲିପଡ଼ା ପଂଚାୟତ ପକ୍ଷରୁ ହାତ ଧୋଇବା ସହ ସାନିଟାଇଜର ଯୋଗାଇ ଦିଆଯାଇଥିଲା। ବନ୍ଧୁଗୁଡ଼ା ଗ୍ରାମର ଲଚ୍ଛିମ ମୁଦୁଲି ପଂଚାୟତ ଅଧିକାରୀମାନଙ୍କ ଠାରୁ ୧୫ଶହ ଟଙ୍କା ଆର୍ଥିକ ସହାୟତା ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ଆମକୁ ତିନି ମାସ ପାଇଁ ଖାଦ୍ୟଶସ୍ୟ ଏବଂ ଆର୍ଥିକ ସହାୟତା ମିଳିଛି। ସେହିପରି ବିପିଏଲ କାର୍ଡ ଥିବାରୁ ଆହୁରି ୧ହଜାର ଟଙ୍କାର ସହାୟତା ମଧ୍ୟ ମିଳିଛି। ସେଥିପାଇଁ ମୁଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି।

ସୂଚନା ଯୋଗ୍ୟ ଯେ କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ଲାଗି ଦେଶରେ ଜାରି ଲକଡାଉନ ସମୟରେ ଗରିବ ଲୋକଙ୍କୁ ସହାୟତା ନିମନ୍ତେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ଗତ ୨୬ ମାର୍ଚ୍ଚ, ୨୦୨୦ରେ ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ୧.୦୭ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ। ଏହି ଅବସରରେ କେନ୍ଦ୍ର ସରକାରଙ୍କ ଆଇନ ଜରିଆରେ ଗଠନ କରାଯାଇଥିବା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠିର ଉପଯୋଗ କରି ନିର୍ମାଣ ଶ୍ରମିକମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ବିଭିନ୍ନ ରାଜ୍ୟ ଇତିମଧ୍ୟରେ କାର୍ଯ୍ୟକାରୀ କରିଛନ୍ତି। ଫଳରେ ବହୁସଂଖ୍ୟକ ନିର୍ମାଣ ଶ୍ରମିକ ଆର୍ଥିକ ସହାୟତା ପାଇବାକୁ ସକ୍ଷମ ହୋଇଛନ୍ତି।




### ଅଜଣା ବ୍ୟକ୍ତିଙ୍କ ନିକଟରେ ପଂହଚିଲା ପ୍ରଶାସନ

# ସଙ୍ଗରୋଧ ଗୃହରେ ଛାଡିଲେ

ଧର୍ମଶାଳା,(ପିଏନ)- କରୋନା ଭାଇରସକୁ ନେଇ ସମସ୍ତେ ଚିନ୍ତିତ । କରୋନା ଆକ୍ରାନ୍ତଙ୍କ ସଂଖ୍ୟା ରାଜ୍ୟରେ ଦିନକୁ ଦିନ ବଢିବାରେ ଲାଗିଛି । ତାହାର ପ୍ରତିକାର କରିବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି । ଜିଲା ତଥା ଜିଲା ବାହାରୁ ଆସୁଥିବା ବ୍ୟକ୍ତିମାନେ ଏବେ ଗାଁ ମୁହାଁ । କିଏ ମାଲବାହୀ ଗାଡିରେ ତ କିଏ ଚାଲି ଚାଲି କରି ଘରକୁ ପଳାଇ ଆସୁଛନ୍ତି । ଯାହାକୁ ନେଇ ଅନେକ ଗ୍ରମରେ ବିବାଦ ଉପୁଜୁଛି । ଲକ୍ ଡାଉନ ସତ୍ୱେ କିପରି ଭାବେ ଏମାନେ ଆସୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଭଳି ଘଟଣା ଘଟଣା ଘଟିଛି ଯାଜପୁର ଜିଲା ରସୁଲପୁର ବ୍ଲକ ମଙ୍ଗରାଜପୁର ପଂଚାୟତ ଲଙ୍କାବାଲିସାହି ଗ୍ରାମରେ । ଏହି ଗ୍ରାମରେ ଗତକାଲି ରାତିରେ ଜନୈକ ଅଜଣା ବ୍ୟକ୍ତି ତିରୁପତିରୁ ମହାରାଷ୍ଟ୍ର ଘରକୁ ଯାଉଥିବା ସମୟରେ ଏଠାକୁ ଚାଲି ଆସିଥିବା ବ୍ୟକ୍ତି ଜଣକ କହୁଥିବା ବେଳେ ଯାହାକୁ ନେଇ ଉକ୍ତ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା । ଏହି ଘଟଣାକୁ ନେଇ ଗ୍ରାମବାସୀ ଯାଜପୁର ସଦର ପୁଲିସକୁ ଖବର ଦେଇଥିଲେ । ହେଲେ ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ନ ଥିଲା । ହେଲେ ସ୍ଥାନୀୟ ଯୁବ ସମାଜସେବୀ ହିମାଂଶୁ ନାୟକ ଓ ବୁଲବୁଲ ନାୟକ ରାତିରେ ଖବର ପାଇ ଉକ୍ତ ଅଜଣା ବ୍ୟକ୍ତିଙ୍କୁ ଖାଇବାକୁ ଦେବା ସହିତ ତାଙ୍କୁ ପାନୀୟ ଜଳ ଦେଇଥିଲେ । ଘଟଣା ବାବଦରେ ରସୁଲପୁର ତହସିଲଦାରଙ୍କୁ ଅବଗତ କରାଇଥିଲେ । ଆଜି ସକାଳେ ତହସିଲଦାର ଜ୍ୟୋତିକାନ୍ତ ଭୂଜବଳ ଡାକ୍ତରୀ ଦଳ ସହ ଲଙ୍କାବାଲି ସାହି ଗ୍ରାମରେ ପଂହଚି ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା କରାଇବା ସହିତ ସ୍ଥାନୀୟ ସଙ୍ଗରୋଧ ଗୃହରେ ରହିବାକୁ ପରାମର୍ଶ ଦେଇଥିଲେ । ତେବେ ଏହି ବ୍ୟକ୍ତି ଏଠାକୁ କିପରି ଆସିଲେ ତାହା ଏବେ ସନ୍ଦେହ ଘେରରେ ରହିଛି ।

# ପାନୀୟଜଳ ଯୋଗାଣର ସମୀକ୍ଷା କଲେ ପଂଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ

### ସହରାଂଚଳ ଓ ଗ୍ରାମାଂଚଳ ପାଇଁ ଜାରି ହେଲା ଟୋଲ ଫ୍ରି ନମ୍ବର

**ଭୁବନେଶ୍ୱର,(ପିଏନ)-** ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉଭୟ ଗ୍ରାମାଂଚଳ ଓ ସହରାଂଚଳରେ ଲୋକେ ଯେଭଳି ସୁରୁଖୁରୁରେ ପାନୀୟଜଳ ପାଇବେ ସେଥିପାଇଁ ଆଜି ପଂଚାୟତିରାଜ ଓ ପାନୀୟଜଳ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଦୁଇଟି ଟୋଲ ଫ୍ରି ନମ୍ବର ଜାରି ହୋଇଛି । ସହରାଂଚଳ ପାଇଁ ଟୋଲ ଫ୍ରି ନମ୍ବର ୧୮୦୦୩୪୫୬୭୮୩ ଥିବାବେଳେ ଗ୍ରାମାଂଚଳ ପାଇଁ ୧୯୧୬ ରହିଛି । ଜଳଯୋଗାଣ ନେଇ କୌଣସି ଆବଶ୍ୟକତା ପଡିଲେ ଏହି ନମ୍ବରରେ ଲୋକେ ଫୋନ୍ କରିପାରିବେ । ଏଥି ସହିତ ଜଳ ଯୋଗାଣ ପାଇଁ ଆଜି ଠାରୁ କଂଟ୍ରୋଲରୁମ୍ ଖୋଲିଥିବାବେଳେ ପାନୀୟଜଳ ଯୋଗାଣରେ ଯେଭଳି କୌଣସି ସମସ୍ୟା ଦେଖାନଦିଏ ସେଥିପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନା ନିର୍ଦ୍ଦେଶ ଦେଇଛନ୍ତି ।

ପାନୀୟଜଳ ଯୋଗାଣ ସଂକ୍ରାନ୍ତରେ ଆଜି ମନ୍ତ୍ରୀ ଶ୍ରୀ ଜେନା ସମୀକ୍ଷା କରିବା ସହିତ ବିଭାଗୀୟ ଅଧିକାରୀମାନଙ୍କୁ ଏ ନେଇ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ପଂଚାୟତିରାଜ ବବିଭାଗର ପ୍ରମୁଖ ସଚିବ ଡି.କେ.ସିଂହଙ୍କ ସମେତ ବରିଷ୍ଠ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସମୀକ୍ଷା ପରେ ମନ୍ତ୍ରୀ କହିଛନ୍ତି ଯେ ଗ୍ରୀଷ୍ମଋତୁରେ ଯେଭଳି ନିରବଚ୍ଛିନ୍ନ ଜଳ ଯୋଗାଣ ଜାରି ରହିବ ସେଥିପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି । ଏପ୍ରିଲ୍ ତୃତୀୟ ସପ୍ତାହ ସୁଦ୍ଧା ସମସ୍ତ ନଳକୂପ ଗୁଡିକର ମରାମତି ସାରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେବା ସହିତ ୨୪ ଘଂଟା ଭିତରେ ଏଥିପାଇଁ ଆବଶ୍ୟକ ଆନୁଷଙ୍ଗିକ ଉପକରଣ ପ୍ରସ୍ତୁତ ଲାଗି କହିଛନ୍ତି । ସେହିଭଳି ପମ୍ପହାଉସ ଗୁଡିକରେ ଜେନେରେଟର ପ୍ରସ୍ତୁତ କରି ରଖିବା ସହିତ କୌଣସି ଠାରେ ପାଣି ପାଇପ୍‌ରେ ଲିକ୍ ଦେଖାଦେଲେ ତାହାକୁ ଯୁଦ୍ଧକାଳୀନ ଭିତିରେ ମରାମତି ପାଇଁ କୁହାଯାଇଛି । ସହରାଂଚଳରେ ଯୋଗାଯାଉଥିବା ଜଳକୁ ଠିକଣାଭାବେ ବିଶୋଧନ ସହିତ ଆବଶ୍ୟକସ୍ଥଳେ ଜଳଯୋଗାଣ ଲାଗି ଟ୍ୟାଙ୍କର ପ୍ରସ୍ତୁତ ରଖିବାକୁ କହିଛନ୍ତି । ସେହିଭଳି ପୌରସଂସ୍ଥା ଗୁଡିକ ବିଭିନ୍ନ ସ୍ଥାନରେ ଖୋଲିଥିବା ଜଳଛତ୍ରକୁ ପାଣି ଯୋଗାଣ ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସ୍କୁଲ, କଲେଜ, ଡାକ୍ତରଖାନା ଆଦି ପରିସରରେ ଥିବା ନଳକୂପ ଗୁଡିକୁ ଆବଶ୍ୟକ ସ୍ଥଳେ ମରାମତି କରିବା ସହିତ ଏଠାକୁ ଜଳଯୋଗାଣରେ ଯେଭଳି କୌଣସି ବାଧାନ ନଉପୁଜେ ତାହା ଉପରେ ଦୃଷ୍ଟି ଦେବାକୁ କୁହାଯାଇଛି ।

ପୌରାଂଚଳରେ ପୌର ଅଧିକାରୀ ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି ଜଳଯୋଗାଣ ବ୍ୟବସ୍ଥାକୁ ସୁଗମ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । କୌଣସି ଠାରେ ଜଳ ଯୋଗାଣରେ ସମସ୍ୟା ଦେଖାଦେଲେ ତୁରନ୍ତ ବିଭାଗୀୟ ଯନ୍ତ୍ରୀ ଓ ଆବଶ୍ୟକ ସ୍ଥଳେ ଜିଲ୍ଲାପାଳଙ୍କ ନଜରକୁ ଆଣିବାକୁ କୁହାଯାଇଛି । କୌଣସି ଠାରେ ନୂତନ ନଳକୂପ କିମ୍ବା ଅନ୍ୟ ଜଳଉତ୍ସର ଆବଶ୍ୟକ ସେ ସଂକ୍ରାନ୍ତରେ ଜିଲ୍ଲାପାଳମାନେ ଆନୁଷ୍ଠାନିକ ଭାବେ ପ୍ରସ୍ତାବ ଦେଲେ ତୁରନ୍ତ ସେ ଦିଗରେ ପଦକ୍ଷେପ ନେବାପାଇଁ କୁହାଯାଇଛି । ସେହିଭଳି ସରକାରଙ୍କ ଜଳ ଯୋଗାଣ ବ୍ୟବସ୍ଥା ସଂକ୍ରାନ୍ତରେ ଲୋକେ ଯେଭଳି ଅବଗତ ହେବେ ସେଥିପାଇଁ ଗଣମାଧ୍ୟମ ସହ ସମ୍ପର୍କ ପାଇଁ ମନ୍ତ୍ରୀ ଶ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି । ଦୁଇ ବିଭାଗ ପକ୍ଷରୁ ଆଜି ମନ୍ତ୍ରୀଙ୍କ ପରାମର୍ଶକ୍ରମେ ଜିଲ୍ଲାସ୍ତରରେ ସମ୍ପୃକ୍ତ ବିଭାଗୀୟ ପଦାଧିକାରୀମାନଙ୍କୁ ଏ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ପଠାଯାଇଛି ।

### ଦଶମ ଶ୍ରେଣୀ ପାଠ୍ୟପୁସ୍ତକ ପରିବର୍ତ୍ତନ ନିଷ୍ପତି ପ୍ରତ୍ୟାହାର

# ୯ମ ଓ ୧୦ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଉ : ଏଆଇଡିଏସ୍‌ଓ

ଭୁବନେଶ୍ୱର (ପିଏନ)- ଦଶମ ଶ୍ରେଣୀ ପାଠ୍ୟପୁସ୍ତକ ପରିବର୍ତ୍ତନ ନିଷ୍ପତି ପ୍ରତ୍ୟାହାର ସହ ୯ମ ଓ ୧୦ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଉ ବୋଲି ଏ.ଆଇ.ଡି.ଏସ.ଓର ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ ଓ ସମ୍ପାଦକ ସୁବାସ ନାୟକ ଏକ ପ୍ରେସ ବିବୃତି ମାଧ୍ୟମରେ ଦାବି କରିଛନ୍ତି ।

ସେମାନେ କହିଛନ୍ତି ଯେ । ଘାତକ କରୋନା ଭୂତାଣୁର କରାଳ କବଳରେ ବର୍ତମାନ ସାରା ବିଶ୍ୱ ମହା ସଙ୍କଟମୟ ପରିସ୍ଥିତିରେ ଗତି କରୁଛି । ଏହାର ମୁକାବିଲା ପାଇଁ କରାଯାଇଥିବା ଲକଡାଉନ ଫଳରେ ଯେତେବେଳେ ସାଧାରଣ ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ସେତେବେଳେ ରାଜ୍ୟ ସରକାରଙ୍କ ଅଧିନସ୍ଥ ବୋର୍ଡ କର୍ତ୍ତୃପକ୍ଷ ଅତ୍ୟନ୍ତ ନିର୍ଲଜ୍ୟ ଭାବରେ ଦଶମ ଶ୍ରେଣୀର ପାଠ୍ୟପୁସ୍ତକରେ ପରିବର୍ତ୍ତନର ଘୋଷଣା କରିଛନ୍ତି । ସାରା ରାଜ୍ୟରେ ଲକଡାଉନ ଫଳରେ ବିଦ୍ୟାଳୟ ଗୁଡିକ ବନ୍ଦ ରହିବା ଫଳରେ ଛାତ୍ର ଛାତ୍ରୀମାନଙ୍କ ପାଠପଢାରେ ଅସୁବିଧା ସୃଷ୍ଟି ହୋଇଛି । ଏହିଭଳି ସମୟରେ ୯ମ ଓ ୧୦ମ ତଥା ଅନ୍ୟ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ଉପର ଶ୍ରେଣୀର ପିଲାମାନଙ୍କ ପାଖରୁ ପୁରୁଣା ପୁସ୍ତକ ଯୋଗାଡକରି ପାଠ ପଢା ନିଜସ୍ୱ ଉଦ୍ୟମରେ ଆରମ୍ଭ କଲେଣି । ଆମ ରାଜ୍ୟର ଅଧିକାଂଶ ଦରିଦ୍ର ଛାତ୍ରଛାତ୍ରୀ ମାନେ ଏହି ଉପାୟ ଅବଲମ୍ବନ ପାଠ୍ୟପୁସ୍ତକ ଯୋଗାଡ କରି ଅଧ୍ୟୟନ କରନ୍ତି । ମାତ୍ର ବେପାରୀ ମନୋବୃତି ରଖି ବୋର୍ଡ କର୍ତୃପକ୍ଷ ୧୦ମ ଶ୍ରେଣୀର ପାଠ୍ୟପୁସ୍ତକରେ କରିଥିବା ପରିବର୍ତନ ଫଳରେ ସାଧାରଣ ଘରର ଅଧିକାଂଶ ଛାତ୍ରଛାତ୍ରୀମାନେ ନୂଆ ବହି କିଣିବାକୁ ଯାଇ ଆର୍ଥିକ ଶୋଷଣର ଶୀକାର ହେବେ ।

ଏହି ପରିସ୍ଥିତିତରେ ଏହି ନିଷ୍ପତି ସଂପୂର୍ଣ୍ଣ ଛାତ୍ର ଛାତ୍ରୀ ବିରୋଧି ଏବଂ ବୋଝ ଉପରେ ଳଳିତା ବିଡା ସଦୃଶ । ଏଣୁ ଏହି ଛାତ୍ରସ୍ୱାର୍ଥ ବିରୋଧି ନିଷ୍ପତି ତୁରନ୍ତ ପ୍ରତ୍ୟାହାର କରିବା, ନବମ ଓ ଦଶମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ବହି ଯୋଗାଇ ଦେବା ସହ ଶିକ୍ଷାନୁଷ୍ଠାନ ଗୁଡିକରେ ସମସ୍ତ ଫି ଛାଡ କରିବା ପାଇଁ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ଦାବି କରାଯାଇଛି ।

ସୂଚନା ଯୋଗ୍ୟ ଯେ, ଦେଶରେ ନିତାନ୍ତ ଜରୁରୀ ପଦକ୍ଷେପ ଭାବେ ମଇ ୩ ପର୍ଯ୍ୟନ୍ତ ସମଗ୍ର ଦେଶବ୍ୟାପୀ ତାଲା ବନ୍ଦ ଘୋଷଣା କରାଯାଇଛି । ଏହି ପଦକ୍ଷେପ ନିଶ୍ଚିତଭାବେ ଆବଶ୍ୟକ ଥିଲା । ମାତ୍ର ଅନ୍ୟ ଦିଗରେ ଏହି ପଦକ୍ଷେପ ଯୋଗୁଁ ରାଜ୍ୟର ସମସ୍ତ ଦିନ ମୂଲିଆ, ଚୁକ୍ତିଭିତିକ ଶ୍ରମିକ, ନିର୍ମାଣ ଶ୍ରମିକ, ପାଚିକା, ପରିଚାରିକା, ରିକ୍ସା ଚାଳକ, ଅଟୋ ଚାଳକ, ଉଠା ଦୋକାନୀ, ଠେଲା ଦୋକନୀ, ଛୋଟ ଦୋକାନୀ,ଚାଷୀ ପ୍ରମୁଖଙ୍କ ନିତିଦିନିଆ ରୋଜଗାର ବନ୍ଦ ହୋଇଯାଇଛି ଏବଂ ଅନ୍ୟପଟେ ଦରବୃଦ୍ଧି ପରିସ୍ଥିତି ସୃଷ୍ଟି ହୋଇଛି । ଯଦ୍ୱରା କି ଏହି ବର୍ଗର ଲୋକମାନଙ୍କ ପାଇଁ ଦିନକୁ ଦୁଇବେଳା ଖାଦ୍ୟ ସଂଗ୍ରହ କରିବା ଅତ୍ୟନ୍ତ କଷ୍ଟସାଧ ହୋଇପଡିଛି । ପିଲାମାନଙ୍କ ପାଠପଢା ଏବଂ ବହିକିଣା ଖର୍ଚ୍ଚ ଯୋଗାଡ କରିବାକୁ ସେମାନେ ମଧ୍ୟ ଅସର୍ମଥ । ଯୁଦ୍ଧକାଳୀନ ଭିତିରେ ବିନା ମୂଲ୍ୟରେ ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ନିତ୍ୟ ପ୍ରୟୋଜନୀୟ ଯୋଗାଇଦେବା, ଶିଶୁମାନଙ୍କ ପାଇଁ ଶିଶୁ ଖାଦ୍ୟ ଓ ଆବଶ୍ୟକ ଔଷଧ ଯୋଗାଇ ଦେବା, ବୟସ୍କଙ୍କ ଯତ୍ନନେବାପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବା, ଜିନିଷପତ୍ରର ଦରଦାମକୁ ସ୍ଥିର ରଖିବାକୁ ପଦକ୍ଷେପ ନେବା ସହ କରୋନା ସଂକ୍ରମଣକୁ ମୁକାବିଲାର ଏକ ଅବିଚ୍ଛେଦ୍ୟ ପଦକ୍ଷେପ ଭାବେ ରାଜ୍ୟର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ବହି ଓ ପାଠ୍ୟ ଉପକରଣ ଯୋଗାଇଦବା ଏବଂ ଶିକ୍ଷାରେ ସମସ୍ତ ସ୍ତରର ଫି ଛାଡ କରିବା ପାଇଁ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ଦାବି କରାଯାଇଛି ।

ତେଣୁ ଏଭଳି ସମୟରେ ପାଠ୍ୟପୁସ୍ତକ ପରିବର୍ତନ ବନ୍ଦ କରିବା ସହ ରାଜ୍ୟ ସରକାର ସମସ୍ତ ୯ମ ଓ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦେବାକୁ ଏ.ଆଇ.ଡି.ଏସ.ଓର ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ ଓ ସମ୍ପାଦକ ସୁବାସ ନାୟକ ଏକ ପ୍ରେସ ବିବୃତି ମାଧ୍ୟମରେ ରାଜ୍ୟସରକାରଙ୍କୁ ଦାବି କରିଛନ୍ତି । ରାଜ୍ୟର ସମସ୍ତ ଶୁଭବୁଦ୍ଧି ସଂପର୍ଣ୍ଣ ଜନଗଣ, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ନିଜ ନିଜ ସ୍ତରରେ ସ୍ତରରେ ଏହି ଦାବି ସପକ୍ଷରେ ମତବ୍ୟକ୍ତ କରିବାକୁ ଅନୁରୋଧ କରିଛନ୍ତି ।

### ବ୍ରହ୍ମବରଦା ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ଅବ୍ୟବସ୍ଥା

# ସାମାଜିକ ଦୂରତାକୁ ମାନୁନାହାଁନ୍ତି ଲୋକେ

ଧର୍ମଶାଳା,(ପିଏନ)- ରାଜ୍ୟରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଛି । ଇତିମଧ୍ୟରେ ଯାଜପୁର ଜିଲାରେ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଲୋକମାନଙ୍କୁ ଘର ନ ବାହାରିବାକୁ ଜିଲା ପ୍ରଶାସନ ପକ୍ଷରୁ ବାରମ୍ବାର ତାଗିଦ୍ କରାଯାଉଛି । ଅତି ଆବଶ୍ୟକ ସ୍ଥଳେ ମାକ୍ସ ବ୍ୟବହାର କରି ଘରୁ ବାହାରିବାକୁ କୁହାଯାଉଛି । ହେଲେ ଲୋକମାନଙ୍କୁ ଯେତେ ପ୍ରକାର ସଚେତନ କରାଇଲେ ମଧ୍ୟ କେତେକ ଏହାକୁ ମାନୁନାହାନ୍ତି । ଅନ୍ୟପକ୍ଷରେ ସାମାଜିକ ଦୂରତା ରକ୍ଷା ନେଇ ସରକାର ସମସ୍ତ ବ୍ୟାଙ୍କ କର୍ତୃପକ୍ଷଙ୍କୁ ଅବଗତ କରାଉଛନ୍ତି । ହେଲେ ବ୍ୟାଙ୍କ କର୍ତୃପକ୍ଷ କୌଣସି ନିୟମ ପାଳନ କରୁ ନ ଥିବା ଅଭିଯୋଗ ହୋଇଛି । ଏ ଭଳି ଅଭିଯୋଗ ଆସିଛି ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ବ୍ରହ୍ମବରଦାସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କ୍ଷେତ୍ରରେ । ଗ୍ରାହକମାନେ ଆଜି ସେମାନଙ୍କ ଜନଧନ ଯୋଜନାରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଟଙ୍କା ଆସିଛି କି ନାହିଁ ଯାହାକୁ ନେଇ ଶହଶହ ଲୋକେ ବ୍ୟାଙ୍କ ନିକଟରେ ପଂହଚିଥିଲେ । ଲୋକମାନେ ସାମାଜିକ ଦୂରତାକୁ ଭୁଲି ଯାଇଥିଲେ । ସେଠାରେ ଅନେକ ଲୋକ ମାକ୍ସ ବ୍ୟବହାର କରି ନଥିବା ଦେଖିବାକୁ ମିଳିଥିଲା । ଏପରିକି ବ୍ୟାଙ୍କ ଭିତରେ ବିନା ମାକ୍ସରେ ଗ୍ରାହକମାନେ ଭିଡ଼ ଜମାଇଥିଲେ ମଧ୍ୟ ବ୍ୟାଙ୍କ କର୍ତୃପକ୍ଷ ସେମାନଙ୍କୁ ସଚେତନ କରାଇବାକୁ ଭୁଲି ଯାଇଥିଲେ । ତେବେ ଏତେ ସଂଖ୍ୟକ ଗ୍ରାହକମାନଙ୍କୁ ବ୍ୟାଙ୍କ ଭିତରେ ପ୍ରବେଶ ପାଇଁ ଅନୁମତି ଦିଆଗଲା କିପରି ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବ୍ୟାଙ୍କ ପକ୍ଷରୁ ସାନିଟାଇଜେସନ କିମ୍ବା ସାବୁନ ପାଣିର କିଛି ବ୍ୟବସ୍ଥା କରି ନ ଥିବା ଦେଖିବାକୁ ମିଳିଛି । ଫଳରେ ସେମାନଙ୍କ ଭୟରେ ଅନେକ ସଚେତନ ନାଗରିକ ନିଜ କାମ ନ କରି ବ୍ୟାଙ୍କରୁ ଫେରିଆସୁଥିବା ଦେଖିବାକୁ ମିଳିଛି । ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଏବଂ ଜିଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ଯାଜପୁରରେ ବହି ଦୋକାନ, ଗ୍ୟାରେଜ୍, ବିଦ୍ୟୁତ ଉପକରଣ ଦୋକାନ କେବଳ ରବିବାର ଖୋଲିବ : ଜିଲ୍ଲାପାଳ

### ସାଇକେଲ୍ ମରାମତି ଦୋକାନ ଓ କ୍ଷୀର ଦୋକାନ ସବୁଦିନ ଖୋଲିବ

**ଯାଜପୁର, (ପିଏନ)-** ଆଜିଠାରୁ ଯାଜପୁର ଜିଲ୍ଲାର ସମସ୍ତ ପାଠ୍ୟ ପୁସ୍ତକ ଦୋକାନ, ଗ୍ୟାରେଜ୍, ବିଦ୍ୟୁତ ଉପକରଣ ଦୋକାନ ଦୈନିକ ପରିବେର୍ତ ସାପ୍ତାହିକ ଭାବେ କେବଳ ରବିବାର ସକାଳ ୬ଟା ଠାରୁ ପୂର୍ବାହ୍ନ ୧୦ ଟା ପର୍ଯ୍ୟନ୍ତ ୪ ଘଂଟା ପାଇଁ ଖୋଲା ରହିବ ବୋଲି ନୂତନ ନିର୍ଦ୍ଦେଶନାମା ଜାରୀ କରିଛନ୍ତି ଯାଜପୁର ଜିଲ୍ଲାପାଳ ରଞ୍ଜନ କୁମାର ଦାସ । ଏହା ଅତ୍ୟାବଶ୍ୟକ ସାମଗ୍ରୀ ହୋଇନଥିବାରୁ ଦୈନିକ ଖୋଲିବାର ଆବଶ୍ୟକତା ନାହିଁ ବୋଲି ଜିଲ୍ଲାପାଳ କହିଛନ୍ତି । ଏସବୁ ଦୋକାନ ପ୍ରତ୍ୟେକ ଦିନ ଖୋଲିବା ଫଳରେ ତା ବାହାନାରେ ଅନେକ ଅଯଥା ବୁଲି ଗହଳି କରୁଥିବାର ଜଣାପଡିଛି । ତେବେ ଦୋକାନୀ ମାନେ ନିଜେ ଓ ଗ୍ରାହକ ମାନଙ୍କ ସାମାଜିକ ଦୂରତା ଓ ମାସ୍କ ପରିଧାନ ପ୍ରତି ଉତରଦାୟୀ ହେବେ । ଏହାର ବ୍ୟତିକ୍ରମ ହେଲେ ଆଇନ୍ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଦାସ ସତର୍କ କରାଇ ଦେଇଛନ୍ତି ।

ପୂର୍ବରୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମସ୍ତ ପାଠ୍ୟଉପକରଣ, ସାଇକେଲ ମରାମତି ଦୋକାନ, ଗ୍ୟାରେଜ୍, ଦୁଗ୍ଧଜାତ ସାମଗ୍ରୀ, ବିଦ୍ୟୁତ ଉପକରଣ ଦୋକାନ ଖୋଲିବା ନେଇ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ତେବେ ପରବର୍ତି ସମୟରେ ଏହାକୁ ପରିବର୍ତନ କରାଯାଇଛି । ଏହି ନୂତନ ନିର୍ଦ୍ଦେଶ ନାମା ଅନୁଯାୟୀ, ସାଇକେଲ୍ ମରାମତି ଦୋକାନ ଓ କ୍ଷୀର ଦୋକାନ ସବୁଦିନ ଖୋଲିବ । ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଭଳି ଏସବୁ ଦୋକାନ ସକାଳ ୬ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଖୋଲା ରହିବ । ଫଳରେ ଲୋକେ ଏସବୁ ଅତ୍ୟାବଶ୍ୟକ ସେବା ସହଜରେ ଉପଲବ୍ଧ କରିପାରିବେ ବୋଲି ଜିଲ୍ଲାପାଳ ଶ୍ରୀ ଦାସ କହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ଲକ୍ ଡାଉନ୍ ସମୟରେ ସାଇକେଲ ମରାମତି ଦୋକାନ, ଗ୍ୟାରେଜ୍ ବା ଗାଡ଼ି ମରାମତି ଦୋକାନ, ଇଲେକ୍ଟ୍ରିକାଲସ ଦୋକାନ ସହ ଦୁଗ୍ଧଜାତ ସାମଗ୍ରୀ ଦୋକାନ ବନ୍ଦ ରହୁଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଅପରପକ୍ଷେ ଦୁଗ୍ଧଜାତ ଦ୍ରବ୍ୟ ଯଥା ଛେନା, କ୍ଷୀର, ପନିର, ଇତ୍ୟାଦି ବିକ୍ରୟ କରିନପାରି ଗୋଚାଷୀ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହେଉଥିଲେ । ଜିଲ୍ଲାରେ ଶିଶୁ ଖାଦ୍ୟର ଅଭାବ ପରିଲକ୍ଷିତ ହୋଇଥିଲା । ଯାହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ନିଷ୍ପତି ନିଆଯାଇଥିଲା । ସେହିପରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ପାଠପଢାକୁ ଦୃଷ୍ଟିରେ ରଖି ବହି ଖାତା ଇତ୍ୟାଦି ପାଠ୍ୟଉପକରଣ ଉପଲବ୍ଧ ହେଉଥିବା ଦୋକାନ ଗୁଡିକୁ ମଧ୍ୟ ଖୋଲିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।









# ଡିସିବି ରେମିଡ୍ ଜରିଆରେ ଅତି ସୁବିଧାରେ ବିଦେଶକୁ ଅନଲାଇନ୍‌ରେ ପାଣ୍ଠି ପ୍ରେରଣ କରିବା ବ୍ୟବସ୍ଥା

ଭୁବନେଶ୍ୱର: ବିଦେଶ ମାଟିରେ ଥିବା ବେଳେ ଜରୁରୀକାଳୀନ ମେଡିକାଲ ସ୍ଥିତି ସାମ୍ନା କରିବା ଏକ ଜଟିଳ ସମସ୍ୟା। ଏହା ଯାତ୍ରା କରୁଥିବା ବ୍ୟକ୍ତିମାନଙ୍କୁ ଏବଂ ତାଙ୍କ ନିଜ ଦେଶରେ ଥିବା ପରିବାର ଲୋକଙ୍କୁ ଚିନ୍ତାରେ ପକାଇଥାଏ। ପରିବାର ଲୋକମାନେ ତୁରନ୍ତ ଶାରିରୀକ କିମ୍ବା ମାନସିକ ସହାୟତା ଦେଇପାରିବେ ନାହିଁ। କିନ୍ତୁ ଆର୍ଥିକ ସହଯୋଗ ପ୍ରଦାନ କରିପାରିବେ। ବିଦେଶରେ ରହୁଥିବା ପରିବାର ବର୍ଗ, ଯାତ୍ରୀ କିମ୍ବା ଛାତ୍ରଛାତ୍ରୀମାନଙ୍କ ପାଖକୁ ଭାରତରୁ ଟଙ୍କା ପଠାଇ ହେବ। ଏହି କ୍ଷେତ୍ରରେ ଡିସିବି ରେମିଟ୍ ବିଶେଷ ସହାୟକ ହୋଇଥାଏ।

ଏ ସଂକ୍ରାନ୍ତରେ ଡିସିବି ବ୍ୟାଙ୍କର ରିଟେଲ ଓ ଏସଏମଇ ବ୍ୟାଙ୍କିଙ୍ଗ୍ ମୁଖ୍ୟ ପ୍ରବୀଣ କୁଟ୍ଟି କହିଛନ୍ତି ଯେ, "ଡିସିବି ରେମିଟ ହେଉଛି ଏକ ଅନଲାଇନ୍ ସେବା ଯାହା ଜରିଆରେ ଲୋକମାନେ ବିଦେଶକୁ ପାଣ୍ଠି ପ୍ରେରଣ କରିପାରିବେ। ବିଦେଶୀ ବ୍ୟାଙ୍କ ଖାତା ଜରିଆରେ ଶୀଘ୍ର ଟଙ୍କା ବିନା କୌଣସି ପ୍ରତିବନ୍ଧକରେ ପହଂଚିଯିବ। ଭାରତରେ ବ୍ୟାଙ୍କ ଖାତା ଥିବା ଯେକୌଣସି ବ୍ୟକ୍ତି ଅନଲାଇନ୍‌ରେ ଏଥିପାଇଁ ପଞ୍ଜୀକରଣ କରିପାରିବେ ଏବଂ ୨୨ଟି ଦେଶକୁ ପାଣ୍ଠି ପଠାଇପାରିବେ। ସେ ଆମେରିକା, ବ୍ରିଟେନ, ଅଷ୍ଟ୍ରେଲିଆ, ସିଙ୍ଗାପୁର, କାନାଡା, ୟୁଏଇ, ୟୁରୋ ଜୋନ୍ ଭଳି ଦେଶକୁ ପାଣ୍ଠି ପଠାଇ ପାରିବେ। ସାତ ପ୍ରକାର ମୁଦ୍ରାରେ ଏହି ସୁବିଧା ଉପଲବ୍ଧ ହେଉଛି। ଡିସିବି ରେମିଟ୍ ଜରିଆରେ କେବଳ ମେଡିକାଲ୍ ଖର୍ଚ୍ଚ ପାଇଁ ନୁହେଁ ବରଂ ପିଲାଙ୍କ ପାଠପଢ଼ା, ହଷ୍ଟେଲ ଫି, ପରିବାର ପ୍ରତିପୋଷଣ, ବ୍ୟବସାୟ ଯାତୟା, ଉପହାର, ଭିସା ଫି ଏବଂ ବ୍ୟକ୍ତିଗତ ପରିଦର୍ଶନ ଆଦି ପାଇଁ ପାଣ୍ଠି ପଠାଇ ହେବ। ଡିସିବି ରେମିଟ୍ ଗ୍ରାହକମାନଙ୍କ ପାଇଁ ଏଥିପାଇଁ ଅତ୍ୟଧିକ ଆକର୍ଷଣୀୟ ହୋଇପାରିଛି କାରଣ ଏଥିପାଇଁ ଡିସିବି ବ୍ୟାଙ୍କରେ ଖାତା ଥିବା ଜରୁରୀ ନୁହେଁ। ଭାରତର କୌଣସି ବ୍ୟାଙ୍କରେ ଖାତା ଥିଲେ ତାହାକୁ ବ୍ୟବହାର କରି ଆଇଏମପିଏସ, ଏନଇଏଫଟି କିମ୍ବା ଆରଟିଜିଏସ ଜରିଆରେ ଏକ ନିର୍ଦ୍ଦିଷ୍ଟ ଡିସିବି ବ୍ୟାଙ୍କ ଖାତାକୁ ଟଙ୍କା ପ୍ରେରଣ କରିବାକୁ ହେବ। ଥରେ ବିନିମୟ ମୁଦ୍ରାର ମୂଲ୍ୟ ଧାର୍ଯ୍ୟ ହୋଇଯିବା ପରେ ଗ୍ରାହକ ଜଣକ ପାଣ୍ଠି ପ୍ରେରଣ କରିପାରିବେ। ଭାରତରେ ପଠାଯାଇଥିବା ପାଣ୍ଠି ଅତି ବେଶିରେ ପରବର୍ତ୍ତୀ ବ୍ୟବସାୟ ଦିନରେ ବିଦେଶରେ ପହଂଚିଯିବ।

ଡିସିବି ରେମିଟ ହେଉଛି ଏକ ଅନଲାଇନ୍ ସେବା ଯେଉଁଥିରେ ସରଳ, ସୁରକ୍ଷିତ ଏବଂ ଶୀଘ୍ର ପାଣ୍ଠି ହସ୍ତାନ୍ତର ହେଉଛି। ପାଣ୍ଠି ପଠାଉଥିବା ବ୍ୟକ୍ତି ଏସଏମଏସ ଓ ଇ-ମେଲ୍ ଆଲର୍ଟ ଜରିଆରେ ନିଜେ ପଠାଉଥିବା ପାଣ୍ଠି ଉପରେ ନଜର ରଖିପାରିବେ। ଅନେକ ଗ୍ରାହକ www.dcbremit.comକୁ ବ୍ୟବହାର କରି ସମୟ ସଂଚୟ କରି ବିଦେଶକୁ ପାଣ୍ଠି ପ୍ରେରଣ କରିପାରିଛନ୍ତି।

# ବେସିକ୍‌ଫାଷ୍ଟ ପକ୍ଷରୁ ଭାରତରେ ଛାତ୍ରଛାତ୍ରୀଙ୍କ ପାଇଁ 'ଦ୍ୱନ୍ଦ୍ୱ ଦୂର କରିବା ଆପ୍'

ଭୁବନେଶ୍ୱର(ପିଏନ): କରୋନା ଭୂତାଣୁର ପ୍ରଭାବକୁ ଦୃଷ୍ଟିରେ ରଖି ବେସିକ୍‌ଫାଷ୍ଟ ଲର୍ଣ୍ଣିଂ ଓପିସି ପ୍ରାଇଭେଟ୍ ଲିମିଟେଡ୍ ତରଫରୁ ଭାରତରେ ଛାତ୍ରଛାତ୍ରୀଙ୍କ ପାଇଁ "ଡାଉଟ୍ କ୍ଲିୟରିଂ ଆପ୍' (ଦ୍ୱନ୍ଦ୍ୱ ଦୂର କରିବା ଆପ୍)କୁ ଉନ୍ମୋଚନ କରାଯାଇଛି। ଇନ୍-ଆପ୍ ଚାଟ୍ ଜରିଆରେ ଏହି ବେସିକ୍‌ଫଷ୍ଟ ଡାଉଟ୍ କ୍ଲିୟରିଂ ଆପ୍‌ରେ ଛାତ୍ରଛାତ୍ରୀଙ୍କ ପାଇଁ ହାରାହାରି ପ୍ରତିକ୍ରିୟା ସମୟ ହେଉଛି ୩୨ ମିନିଟ୍। ଛାତ୍ରଛାତ୍ରୀଙ୍କ ଦ୍ୱନ୍ଦ୍ୱ ଦୂର କରିବା ଲାଗି ଶିକ୍ଷକ ମଣ୍ଡଳୀ ସକାଳ ୮ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଉପଲବ୍ଧ ରହିବେ। ବେସିକ୍‌ଫାଷ୍ଟର ଡାଉଟ୍ କ୍ଲିୟରିଂ ଆପ୍ ହେଉଛି ଭାରତର ଏଭଳି ପ୍ରଥମ ଧରଣର ପ୍ଲାଟଫର୍ମ ଯେଉଁଥିରେ ଆପ୍ ଭିତରେ ଥିବା ଇନ୍-ଆପ୍ ଚାଟିଂରେ ଲାଇଭ୍ ସେସନ୍ ଜରିଆରେ ଛାତ୍ରଛାତ୍ରୀମାନେ ନିଜର ଦ୍ୱନ୍ଦ୍ୱ ଦୂର କରିପାରିବେ। ବେସିକଫାଷ୍ଟ ଷଷ୍ଠ ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତର ସବୁ ପ୍ରକାର ବୋର୍ଡର ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ପୂରଣ କରୁଥିବା ବେଳେ ଆଇଆଇଟି ମେନ୍, ଜେଇଇ ଆଡଭାନ୍ସ, ନିଟ୍, ଏମସ୍, ଏସଟିଏସ୍‌ଇ, ଅଲିମ୍ପିଆଡ୍ ଆଦି ପାଇଁ ଶିକ୍ଷା ସେବା ପ୍ରଦାନ କରୁଛି।

ବେସିକ୍‌ଫାଷ୍ଟ ଡାଉଟ୍ କ୍ଲିୟରିଂ ଆପ୍ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କୁ ସୁହାଇବା ଭଳି ସୁଲଭ ମୂଲ୍ୟରେ ସ୍ୱତନ୍ତ୍ର ପ୍ୟାକେଜ୍ ପ୍ରଦାନ କରୁଛି। ସବୁ ପ୍ରକାର ପ୍ୟାକେଜ୍ ଉପରେ କଂପାନି ୧୪ ଦିନର ନିଶୁଳ୍କ ଟ୍ରାଏଲ୍ (ପରଖିବା) ସୁବିଧା ପ୍ରଦାନ କରୁଛି। ଛାତ୍ରଛାତ୍ରୀମାନେ ୭୫ ପଇସାରୁ ଆରମ୍ଭ କରି ତିନି ଟଙ୍କା ଭିତରେ ପ୍ରଶ୍ନର ଜଟିଳତା ଅନୁସାରେ ନିଜର ଦ୍ୱନ୍ଦ୍ୱକୁ ଦୂର କରିପାରିବେ। ଏ ସଂକ୍ରାନ୍ତରେ ବେସିକ୍‌ଫାଷ୍ଟର ପ୍ରତିଷ୍ଠାତା, ସିଇଓ ଓ ଚିଫ୍ ମେଂଟର୍ ରଣଧୀର କୁମାର କହିଛନ୍ତି ଯେ, "କରୋନା ଭୂତାଣୁ ଯୋଗୁଁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି ଏବଂ ପରୀକ୍ଷାଗୁଡ଼ିକ ଘୁଂଚିଯାଇଛି ଫଳରେ ଶିକ୍ଷା ବ୍ୟବସ୍ଥା ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ଏଭଳି ପରିସ୍ଥିତିରେ ଛାତ୍ରଛାତ୍ରୀମାନେ କୁଆଡ଼େ ଯିବେ। ଏହା ହେଉଛି ଆମର ଦାୟିତ୍ୱ ଯେ ଆମେ ଛାତ୍ରଛାତ୍ରୀମାନଙ୍କୁ ଏଭଳି ଏକ ଭାବ ବିନିମୟ ମଂଚ ପ୍ରଦାନ କରିବୁ ଯାହା ସେମାନଙ୍କ ଶିକ୍ଷାଗତ ଲକ୍ଷ୍ୟକୁ ହାସଲ କରିବାରେ ସହାୟକ ହେବା ସହ ସେମାନଙ୍କ ଦ୍ୱନ୍ଦ୍ୱକୁ ଦୂର କରିପାରିବ। ଆମେ ସବୁବେଳେ ଛାତ୍ରଛାତ୍ରୀଙ୍କୁ ଅଗ୍ରାଧିକାର ଦେଉଛୁ। ସେଥିପାଇଁ, ଆମେ ସମ୍ପୂର୍ଣ୍ଣ ରୂପେ ଚାପମୁକ୍ତ ଶିକ୍ଷା ପ୍ରକ୍ରିୟାକୁ ନିଶ୍ଚିତ କରିବାକୁ ଚାହୁଁଛୁ।''

## କୋଭିଡ଼-୧୯ ପାଇଁ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ପକ୍ଷରୁ ୩୦ କୋଟି ସହାୟତା

ମୁମ୍ବାଇ: କୋଭିଡ଼-୧୯ ସଂକ୍ରମଣ ନିୟନ୍ତ୍ରଣ ପାଇଁ ବିଭିନ୍ନ ରାଜ୍ୟ ସରକାର, ସହଯୋଗୀ ସଂସ୍ଥା ଓ କେନ୍ଦ୍ର ସରକାର ଗ୍ରହଣ କରୁଥିବା ପଦକ୍ଷେପରେ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ସାମିଲ ହୋଇଛି। ଏହି ସଂକ୍ରମଣ ବିରୋଧରେ ସଂଗ୍ରାମ ପାଇଁ ବ୍ୟାଙ୍କ ୩୦ କୋଟି ଟଙ୍କା ବ୍ୟୟ ଧାର୍ଯ୍ୟ କରିଛି। ପ୍ରତିଶ୍ରୁତି ମୁତାବକ ବ୍ୟାଙ୍କ ପକ୍ଷରୁ ମୁଖା, ହସ୍ତ ବିଶୋଧନ, ଗ୍ଲୋଭ୍‌ସ ଆଦି ସଂକ୍ରମଣ ଅଞ୍ଚଳରେ ଯୋଗାଇ ଦିଆଯାଇଛି। ଚିକିତ୍ସା କାର୍ଯ୍ୟରେ ନିୟୋଜିତ ଡ଼ାକ୍ତରଙ୍କୁ ବ୍ୟକ୍ତିଗତ ସୁରକ୍ଷା ଉପକରଣ ଯୋଗାଣ ଦିଗରେ ବ୍ୟାଙ୍କ ପଦକ୍ଷେପ ଗ୍ରହଣ କରୁଛି। 'ପିଏମ କେୟାର ଫଣ୍ଡ' ପାଣ୍ଠି ଗ୍ରହଣ ପାଇଁ ଆକାଉଣ୍ଟ ନିମନ୍ତେ ବ୍ୟାଙ୍କକୁ ମଞ୍ଜୁରୀ ପ୍ରଦାନ କରାଯାଇଛି।

# କରୋନା ଓ ତାଲାବନ୍ଦ ଦ୍ୱାରା ପ୍ରଭାବିତ ବସ୍ତି ଅଞ୍ଚଳର ଗରିବ ଲୋକଙ୍କୁ ୱାଇଏସଡିର ସହାୟତା



ଭୁବନେଶ୍ୱର,(ପିଏନ)-ମହାମାରୀ "କରୋନା" ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଚାଲୁଥିବା ତାଲାବନ୍ଦ ଫଳରେ ବ୍ରହ୍ମପୁର ସହରର ବସ୍ତି ଅଂଚଳର ଦିନ ମଜୁରିଆ, ରିକ୍ସା ଚାଳକ, ଅନ୍ୟ ଘରେ କାର୍ଯ୍ୟ କରୁଥିବା ମହିଳା, ରାଜ୍ୟ ଓ ଜିଲ୍ଲା ବାହାରୁ ଫେରିଥିବା ଦାଦନ, ଅଟକିଥିବା ଜିଲ୍ଲା ଓ ରାଜ୍ୟ ବାହାର ଦାଦନ ଓ ଭିକ୍ଷା ବୃତି କରୁଥିବା ଲୋକଙ୍କ ରୋଜଗାର ବାଧାପ୍ରାପ୍ତ ହେବା ସହ ଖାଦ୍ୟ ଅଭାବ ଲାଗି ରହିଛି । ଏହାକୁ ଅନୁଭବ କରି ୟୁଥ ଫର ସୋସିଆଲ ଡେଭଲପମେଣ୍ଟ ଓ ଅକ୍ସଫାମ ଇଣ୍ଡିଆର ସହାୟତାରେ ଏହି ବସ୍ତି ଅଂଚଳରେ ଶୁଖିଲା ଖାଦ୍ୟ ବଣ୍ଟନ କରିବା ପାଇଁ ତାଲିକା ପ୍ରସ୍ତୁତ କରାଯାଇଥିଲା । ବ୍ରହ୍ମପୁର ମହାନଗର ନିଗମ ଓ ଗଞ୍ଜାମ ଜିଲ୍ଲା ପ୍ରଶାସନର ସମନ୍ୱୟରେ ଏକ ମାସର ଶୁଖିଲା ଖାଦ୍ୟ ବଂଟନ ପାଇଁ ୫୫୦ ଜଣଙ୍କର ତାଲିକା ପ୍ରସ୍ତୁତ କରାଯାଇଥିଲା । ଏହି ସହାୟତାରେ ଏକ ମାସ ଚଳିବା ପାଇଁ ଗୋଟିଏ ପରିବାରକୁ ୨୫ କି.ଗ୍ରା ଚାଉଳ, ୩ କି.ଗ୍ରା ଡାଲି, ଲୁଣ ଏକ କି.ଗ୍ରା, ଏକ ଲିଟର ଖାଇବା ତେଲ, ଦୁଇ କି.ଗ୍ରା ସୋୟାବିନ ବଡି, ୨ ପ୍ୟାକେଟ ହଳଦି ଗୁଣ୍ଡ, ୨ ପ୍ୟାକେଟ ଲଙ୍କା ଗୁଣ୍ଡ ଓ ୨ ପ୍ୟାକେଟ ଏମ.ଡି.ଏଚ ମସଲା ଗୁଣ୍ଡ ପ୍ରଦାନ କରାଯାଇଛି । ଯାହା ଉକ୍ତ ପରିବାରକୁ ଏକ ମାସ ଧରି ଏହି ତାଲାବନ୍ଦ ସମୟରେ ଖାଦ୍ୟ ଅଭାବକୁ ଦୂର କରିପାରିବ ।

ଦ୍ୱିତିୟ ପର୍ଯ୍ୟାୟରେ ସହରର ତଥା ଆଖପାଖ ବସ୍ତିରେ ପାଖାପାଖି ୩୫୦ ପରିବାରକୁ ଏହି ସାମଗ୍ରୀ ବଂଟନ କରାଯାଇଛି ଏବଂ ଗ୍ରାମାଞ୍ଚଳରେ ୨୫୦୦ ଅଭାବୀ ପରିବାରକୁ ଉକ୍ତ ସାମଗ୍ରୀ ବଂଟନ ନିମନ୍ତେ ତାଲିକା ପ୍ରସ୍ତୁତ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମ ନିମନ୍ତେ ଗଞ୍ଜାମ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ସିଦ୍ଧାର୍ଥ ଶେଖର ସ୍ୱାଇଁ ସମସ୍ତ ସହଯୋଗ ପାଇଁ ପ୍ରତିସ୍ରୁତି ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମ ସମୟରେ ଲୋକମାନଙ୍କୁ ସାମାଜିକ ଦୂରତା ରକ୍ଷା କରିବା ସହ ହାତକୁ ବାରମ୍ବାର ସାନିଟାଇଜର କିମ୍ବା ସାବୁନରେ ହାତ ଧୋଇବା ପାଇଁ ସଚେତନ କରାଯାଇଥିଲା । ଲୋକମାନେ ଘରୁ ନବାହାରି ନିଜ ନିଜ ଘରେ ରହିବା ଦ୍ୱାରା "କରୋନା" ଭାଇରସକୁ ରୋକାଯାଇପାରିବ ବୋଲି ବାର୍ତ୍ତା ଦିଆ ଯାଇଥିଲା । ଏହା ସହିତ ୱାଇ.ଏସ.ଡି ର ସ୍ୱେଚ୍ଛାସେବୀ ମାନେ ତାଲାବନ୍ଦ ସମୟରେ ସରକାରଙ୍କର ସମସ୍ତ ସ୍ୱତନ୍ତ୍ର ଯୋଜନା ବିଷୟରେ ଲୋକଙ୍କୁ ସଚେତନତା କରୁଛନ୍ତି । ଏହି ସହାୟତା ବଂଟନ କାର୍ଯ୍ୟକ୍ରମ ପାଇଁ ୱାଇ.ଏସ.ଡି ର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ମାନେ କରୋନା ପ୍ରତିଷେଧକ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ତାଲିମ ପାଇଛନ୍ତି । ଏହି କାର୍ଯ୍ୟକ୍ରମରେ ସମ୍ପାଦକ ବିଭୁ ପ୍ରସାଦ ସାହୁ, ଚନ୍ଦନ କୁମାର ସାହୁ, ଅଭିରାମ କହଁର, ନାଗେଶ୍ୱର ପାତ୍ର, ପ୍ରକାଶ ଚନ୍ଦ୍ର ସାହୁ, ରାଜେନ୍ଦ୍ର ବାଡତ୍ୟା ଓ ବିଭିନ୍ନ ବସ୍ତିର ସ୍ୱେଚ୍ଛାସେବୀ କର୍ମୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

## ଗରିବ ଅସହାୟଙ୍କୁ ସହାୟତା ଯୋଗାଇଲେ ସମାଜସେବୀ

ଜୟପୁର, (ପିଏନ)- କରୋନା ମୁକାବିଲା ପାଇଁ ସାରା ଦେଶରେ ଲକ୍ ଡାଉନ ଜାରି ରହିଛି । ଆଜି ଠାରୁ ଦ୍ୱିତିୟ ପର୍ଯ୍ୟାୟ ଲକ୍ ଡାଉନ ଆରମ୍ଭ ହୋଇଛି । ଲକ୍ ଡାଉନ ଯୋଗୁଁ ସମସ୍ତ କାର୍ଯ୍ୟ ବନ୍ଦ ହୋଇଛି । ଫଳରେ ସରକାର ବିଭିନ୍ନ ବର୍ଗ ଲୋକଙ୍କୁ ସହାୟତା ଯୋଗାଉଛନ୍ତି । କିନ୍ତୁ, ପଡି କାର୍ଡ ନଥିବା ଗରିବ ଶ୍ରେଣୀର ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିଲେ । ଏହାକୁ ଉପଲକ୍ଷି କରି ସମାଜସେବୀ ରାହୁଲ ପାଙ୍ଗି ସେମାନଙ୍କୁ ଖାଦ୍ୟ ସାମଗ୍ରୀ ଓ ଟଙ୍କା ବଂଟନ କରିଥିଲେ । କୋରାପୁଟ ବ୍ଲକ ଅନ୍ତର୍ଗତ ବଡକେରଙ୍ଗା ପଚାଂୟତ ଡ୍ୟାମ୍ ସାଇଡ ଠାରେ ଚାଉଳ କାର୍ଡ ନଥିବା ଗରିବ, ଅସହାୟ, ବୃଦ୍ଧ, ବୃଦ୍ଧା, ମହିଳା ମାନଙ୍କୁ ଚାଉଳ, ମାସ୍କ, ୧ ଶହ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି । ପଚାଂୟତର ସମାଜସେବୀ ରାହୁଲ ପାଙ୍ଗି ଏସବୁ ସାମଗ୍ରୀ ବଂଟନ କରିଥିଲେ । ସ୍ଥାନୀୟ ଅଂଚଳର ଯୁବକ ମାନେ ତାଙ୍କୁ ଏଥିରେ ସହଯୋଗ କରିଥିଲେ।

ବିଦେଶୀ ଖିଲ, ଗୋପି ଖିଲ, ଆଲୋକ ପାଣିଗ୍ରାହୀ, ଏମ. ଶଙ୍କର. ସୁନ୍ଦର ନାଗ ବଂଟନ ସମୟରେ ସହଯୋଗ କରିଥିଲେ । ଶ୍ରୀ ପାଙ୍ଗିଙ୍କ ଏପରି ମହତ୍ କାର୍ଯ୍ୟକୁ ଅଂଚଳବାସୀ ବେଶ୍ ପ୍ରଶଂସା କରିଛନ୍ତି ।

## କୋଭିଡ-୧୯ ସ୍ଥିତିରେ ସ୍ୱଳ୍ପ ସଂଚୟ ପ୍ରୋତ୍ସାହନ ସିରିଜ ଉଠାଣ ଘୁଂଚିଲା

ଭୁବନେଶ୍ୱର,(ପିଏନ)- କରୋନା ଭୂତାଣୁ ସଂକ୍ରମଣ(କୋଭିଡ-୧୯) ପରିପ୍ରେକ୍ଷୀରେ ରାଜ୍ୟବ୍ୟାପୀ ଲକ୍ ଡାଉନର ଅବଧି ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ପାଇଥିବା ଦୃଷ୍ଟିରୁ ଅର୍ଥ ବିଭାଗର ସ୍ୱଳ୍ପ ସଂଚୟ ନିର୍ଦ୍ଦେଶାଳୟ ତରଫରୁ ଚଳିତ ମାସ ୨୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏକ୍ୟୁ ସିରିଜ ଓଡ଼ିଶା ସ୍ୱଳ୍ପ ସଂଚୟ ପ୍ରୋତ୍ସାହନ ଯୋଜନାର ଉଠାଣକୁ ସ୍ଥଗିତ ରଖାଯାଇଛି । ଏହି ଉଠାଣକୁ ଆସନ୍ତା ଜୁଲାଇ ୨୬ ତାରିଖରେ ଆୟୋଜନ କରିବା ପାଇଁ ଆପାତତଃ ସ୍ଥିର କରାଯାଇଛି । ଅର୍ଥମନ୍ତ୍ରୀଙ୍କର ଅନୁମୋଦନକ୍ରମେ ଅର୍ଥ ବିଭାଗର ଯୁଗ୍ମ ସଚିବ ରାଜ୍ୟର ସମସ୍ତ ଜିଲ୍ଲାପାଳମାନଙ୍କୁ ଏହି ସଂକ୍ରାନ୍ତରେ ପତ୍ର ଦ୍ୱାରା ଅବଗତ କରାଇଛନ୍ତି ।

# ଅତ୍ୟାବଶ୍ୟକୀୟ ସେବା ସଂସ୍ଥାରେ ପ୍ରବଳ ଭିଡ, ଖରାରେ ଲୋକେ ହିନସ୍ତା

ଭୁବନ,(ପିଏନ)- ମହାମାରୀ କରୋନା କୁ ପ୍ରତିହତ କରିବା ସକାଶେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨ ୟ ଥର ପାଇଁ ଲକଡାଉନ କୁ ମେ ୩ ପର୍ଯ୍ୟନ୍ତ ବୃଦ୍ଧି କରିଥିବା ବେଳେ ଗରିବ କଲ୍ୟାଣ ନିମନ୍ତେ ବିଭିନ୍ନ ଯୋଜନା ପ୍ରଣୟନ ମଧ କରିଛନ୍ତି । ଅତ୍ୟାବଶ୍ୟକୀୟ ସେବା ସଂସ୍ଥା ଗୁଡିକରେ ଲୋକମାନେ ସାମାଜିକ ଦୂରତା ରକ୍ଷା କରି ଯୋଜନାର ଫାଇଦା ନେବାକୁ ପ୍ରଧାନମନ୍ତ୍ରୀ ନିବେଦନ କରିଥିବା ବେଳେ ଲୋକମାନେ ଦଳଦଳ ହୋଇ ପ୍ରତ୍ୟେକ ସ୍ଥାନରେ ଭିଡ ଲଗାଉଥିବା ଦେଖିବାକୁ ମିଳୁଛି । ବ୍ୟାଙ୍କରେ ପ୍ରଧାନମନ୍ତ୍ରୀ ଜନଧନ ଖାତା ଖୋଲିଥିବା ଗରିବ ଲୋକ ମାନଙ୍କୁ ୫ ଶହ ଟଙ୍କା ପଠାଇଛନ୍ତି, ଏହି ଟଙ୍କା ନଉଠାଇଲେ ଖାତାରୁ କଟିଯିବ ବୋଲି ଗୁଜବରେ ପ୍ରଭାବିତ ହୋଇ ଭୁବନରେ ଥିବା ବିଭିନ୍ନ ବ୍ୟାଙ୍କରେ ଲୋକଙ୍କର ପ୍ରବଳ ଭିଡ ହେଉଛି । ବ୍ୟାଙ୍କ ଗୁଡିକରେ ଅସମ୍ଭବ ଭିଡ ହେଉଥିବା କାରଣରୁ ସାମାଜିକ ଦୂରତ୍ୱ ରକ୍ଷା ହୋଇ ପାରୁନାହିଁ । ଗ୍ରାହକମାନେ ସକାଳ ୮ ଘଟିକା ସମୟରୁ ବ୍ୟାଙ୍କ ଗେଟ ସମ୍ମୁଖରେ ଏକତ୍ରିତ ହୋଇ ବ୍ୟାଙ୍କ ଖୋଲା ହେବା ପରେ ଗେଟ ପାଖରୁ ପ୍ରବଳ ଖରାରେ ଧାଡିରେ ଛିଡା ହେଉଛନ୍ତି । ଖାତା ଅପଡେଟ କରିବା ଓ ଟଙ୍କା ଉଠାଣ କରି ମଧ୍ୟାହ୍ନ ସମୟରେ ଘରକୁ ଫେରୁଛନ୍ତି । ପୋଲିସ ପକ୍ଷରୁ ଭିଡ ନିୟନ୍ତ୍ରଣ ଓ ଶୃଙ୍ଖଳା ରକ୍ଷା ପାଇଁ ପ୍ରୟାସ କରାଯିବା ସହିତ ଲୋକଙ୍କୁ କୌଣସି ଗୁଜବରେ ପ୍ରଭାବିତ ନହେବା, ସାମାଜିକ ଦୂରତା ଏବଂ ନିଜ ସୁରକ୍ଷା ବଜାୟ ପାଇଁ ସଚେତନ କରାଯାଉଛି । ତଥାପି ଲୋକେ ଛାନିଆ ହୋଇ ଭିଡ ଲଗାଉଛନ୍ତି । ଅନୁରୂପ ଭାବେ ଭୁବନରେ ଥିବା ଏକମାତ୍ର ଗ୍ୟାସ ବିତରକ ମହାବୀର ଗ୍ୟାସ ସର୍ଭିସରେ ଉଜ୍ଜ୍ୱଳା ଯୋଜନାରେ ମାଗଣାରେ ଗ୍ୟାସ ପାଇବା ନିମନ୍ତେ ମଧ ଅସମ୍ଭବ ଭିଡ ହେଉଛି । ଗ୍ୟାସ କାଉଁଟର ସମ୍ମୁଖରୁ ପୋଲିସ ଲୋକଙ୍କୁ ଧାଡି କରି ୧ ମିଟର ଦୂରତାରେ ଛିଡା କରାଉଛି । ସାମାନ୍ୟ ରୋଗ ପାଇଁ ଲୋକେ ଡାକ୍ତରଖାନାକୁ ନଆସିବା ପାଇଁ ସରକାର ଲୋକଙ୍କୁ ସଚେତନ କରାଉଥିବା ବେଳେ ଲୋକମାନେ ଡାକ୍ତରଖାନାରେ ମଧ ଗହଳି କରୁଛନ୍ତି । ଡାକ୍ତରଖାନା ମୁଖ୍ୟଦ୍ୱାର ସମ୍ମୁଖରୁ ଲୋକମାନେ ସାମାଜିକ ଦୂରତାରେ ଛିଡାହେଉଥିବା ଦେଖିବାକୁ ମିଳୁଛି । ପ୍ରତ୍ୟେକ ଡିଲରଙ୍କ ନିକଟରେ ଡାଲ, ଗହମ ନେବା ଓ ରାସନକାର୍ଡରେ ୧ ହଜାର ଟଙ୍କା ସହାୟତା ପାଇବା ପାଇଁ ମଧ ଅସମ୍ଭବ ଭିଡ ହେଉଛି । କେବଳ ଡାକ୍ତରଖାନାକୁ ବାଦଦେଲେ ଅନ୍ୟ କୌଣସି ସ୍ଥାନରେ ଲୋକଙ୍କ ସୁବିଧା ପାଇଁ ଟେଣ୍ଟ କିମ୍ବା ଛାମୁଣ୍ଡିଆ ବ୍ୟବସ୍ଥା ହୋଇନଥିବାରୁ ଲୋକମାନେ ୪୦ ଡିଗ୍ରୀ ତାପମାତ୍ରାରେ ଦୀର୍ଘ ସମୟ ଖରାରେ ଛିଡାହୋଇ ହିନସ୍ତା ହେଉଛନ୍ତି । ଜନଗହଳିକୁ ଆଖି ଆଗରେ ରଖି ତହସିଲଦାର ଶକ୍ତିକାନ୍ତ ରାୟଙ୍କ ପ୍ରଚେଷ୍ଟାରେ ଭୁବନର ସମସ୍ତ ଜନ ଗହଳିପୂର୍ଣ୍ଣ ବଜାର, ମାଛ ବଜାର, ପରିବା ବଜାର, ଭୁବନ ଡାକ୍ତରଖାନା, ସମସ୍ତ ଔଷଧ ଦୋକାନ, ଫଳ ଦୋକାନ, ଏଟିଏମ କାଉଁଟର ଗୁଡିକୁ ସାନିଟାଇଜେସନ କରାଯାଇଛି ।

# ମୀରାବାଇ କଳା ବିକାଶ କେନ୍ଦ୍ର ତରଫରୁ ଲୋକଙ୍କୁ ସଚେତନତା ଓ ମାକ୍ସ ବିତରଣ

ଭୁବନ,(ପିଏନ)- ବର୍ତ୍ତମାନ କରୋନା ଭାଇରସ ନ ବ୍ୟାପିବା ପାଇଁ ଦୁଇଟି ଦିଗ ଉପରେ ସରକାରଙ୍କର ଦୃଷ୍ଟି ଭଙ୍ଗୀ ଅଟକି ଯାଇଛି । ଦୂରତା ରକ୍ଷାକରିବା, ସାବୁନ୍‌ରେ ହାତ ଧୋଇ ମୁହଁରେ ମାକ୍ସ ପିନ୍ଧିବା ଜରୁରୀ ଅଟେ । ନଚେତ୍ ନିୟମ ଉଲ୍ଲଂଘନ କଲେ ସରକାରଙ୍କ ତରଫରୁ ଜୋରିମାନା ଆଦାୟ କରିବାର ବ୍ୟବସ୍ଥା ରହିଛି ।

ଲୋକମାନଙ୍କର ଚାହିଦା ମୁତାବକ ମାକ୍ସ ଅଭାବ ରହିଥିବାରୁ ମୀରାବାଇ କଳା ବିକାଶ କେନ୍ଦ୍ର ସତ୍ତ୍ୱାଧିକାରୀ ଭଗବାନ ଗୁରୁ ନିଜସ୍ୱ ଉଦ୍ୟମରେ ଚାରିଦିନ ହେବ ୫ଜଣ ଦରଦୀ ଦରଜୀ ଭାଇମାନଙ୍କ ସହଯୋଗରେ ୫୦୦ଟି ମାକ୍ସ ତିଆରି କରି ବରିଷ୍ଠ ନାଗରିକ, କଳାକାର, ମହିଳା କୀର୍ତ୍ତନ ମଣ୍ଡଳୀ, ହସ୍ତଶିଳ୍ପୀ କାରିଗର, ମନ୍ଦିର ପୂଜକ, ପାନୀୟ ଜଳ ଯୋଗାଣର କର୍ମଚାରୀ ବୃନ୍ଦ, ସରକାରଙ୍କ ତରଫରୁ ମହିଳା ଗୋଷ୍ଠୀ ମାନଙ୍କୁ ହାତ କୁ ହାତ ଗୋଟିଏ ଗୋଟିଏ ମାକ୍ସ, ଖଣ୍ଡିଏ ଖଣ୍ଡିଏ ସାବୁନ୍ ବଢ଼ାଇଦେଇ ଘରେ ରହି ଆରୋଗ୍ୟ ସେତୁକୁ ଅବଲମ୍ବନ କରି ନିଜେ ସୁସ୍ଥ ରହିବା ସହିତ ଅନ୍ୟମାନଙ୍କୁ ସୁସ୍ଥରହିବା ପାଇଁ ସଚେତନ କରାଇଥିଲେ ।

ଓଡ଼ିଶାର ହସ୍ତଶିଳ୍ପ କାରିଗର, ଦରଜୀ, ପଞ୍ଜିକୃତ ହୋଇନଥିବା କଳାକାର ଲକ୍ ଡ଼ାଉନ ସମୟରେ ଆର୍ଥିକ ସାହାଯ୍ୟ ପାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖରେ ବରିଷ୍ଠ ସାମ୍ବାଦିକ କୃଷ୍ଣଚନ୍ଦ୍ର ସାହୁ ଙ୍କ ସମେତ ଅଚ୍ୟୁତା ନନ୍ଦ ପାତ୍ର, କୃଷ୍ଣଚନ୍ଦ୍ର ମଳିକ, ହୃଷିକେଶ ନାୟକ, ଶାନ୍ତିଲତା ଗୁରୁ, ନାରାୟଣ ସାହୁ, ବିପିନ୍ ଦାସ, ପଂଚାନନ ପ୍ରଧାନ, ପ୍ରତିମା ନାୟକ, ବୁଲା ସାହୁ, ନାରାୟଣ ଗୁରୁ, ମୀରାବାଇ କଳାବିକାଶ କେନ୍ଦ ସମ୍ପାଦକ ତଥା ବରିଷ୍ଠ କଳାକାର ଭଗବାନ ଗୁରୁ ପ୍ରମୁଖ ଅନୁରୋଧ କରିବା ସହିତ କରୋନା ଯୋଦ୍ଧାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ମହାପ୍ରଭୁ ଜଗନ୍ନାଥଙ୍କ ବିଶ୍ୱବାସୀଙ୍କୁ କରୋନା କବଳରୁ ରକ୍ଷା କରିବା ସହିତ ବିଶ୍ୱବାସୀଙ୍କୁ ସୁଖରେ ରଖିବାକୁ କୋଟି କୋଟି ପ୍ରଣିପାତ କରିଛନ୍ତି ।

## ସାନିଟାଇଜେସନ୍ ହେଲା ସ୍ୱର୍ଗଦ୍ୱାର

ପୁରୀ,(ପିଏନ)- ହିନ୍ଦୁ ଧର୍ମର ପବିତ୍ର ଧାମ ସ୍ୱର୍ଗଦ୍ୱାର ଅଂଚଳକୁ ବୁଧବାର ସକାଳୁ ଅଗ୍ନିଶମ ବିଭାଗ ପକ୍ଷରୁ ସାନିଟାଇଜ୍ କରାଯାଇଛି । ସ୍ୱର୍ଗଦ୍ୱାର ମୁଖ୍ୟ ପ୍ରବେଶ ପଥ, ପ୍ରସ୍ଥାନ ପଥ, କାଳୀ ମନ୍ଦିର, ଶିବ ମନ୍ଦିର, କାଠ ଅଡ଼ା ଓ ଅହିଆ ସ୍ଥାନକୁ ସୋଡ଼ିୟମ ହାଇପୋକ୍ଲୋରାଇଡ ମିଶ୍ରିତ ପାଣି ପକାଇ ବିଶୋଧନ କରାଯାଇଛି । ଦମକଳ ଗାଡ଼ି ସହିତ ଆଗ୍ନିକ ମାନେ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ ।

ସ୍ୱର୍ଗଦ୍ୱାର ଏକ ସମ୍ବେଦନଶୀଳ ଅଂଚଳ ହୋଇଥିବାରୁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଅଗ୍ନିଶମ ବିଭାଗ ପକ୍ଷରୁ ଏହି ସାନିଟାଇଜ୍ କାର୍ଯ୍ୟ କରାଯାଇଥିଲା ।

# ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ଖାଉଟିଙ୍କୁ ଉଚିତ୍ ମୂଲ୍ୟରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଯୋଗାଣ ଉପରେ ଗୁରୁତ୍ୱ

ପାରଳାଖେମୁଣ୍ଡି, (ପିଏନ)- ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ଖାଉଟି ମାନଙ୍କୁ ଉଚିତ୍ ମୂଲ୍ୟରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଉପଲବ୍ଧ ପାଇଁ ପାଇକାରି ଓ ଖୁଚରା ଦର ନିର୍ଦ୍ଧାରଣ କରାଯାଇଛି । କୌଣସି ଦୋକାନୀ ନିର୍ଦ୍ଧାରିତ ଦର ଠାରୁ ଅଧିକ ନେଲେ ଅତ୍ୟାବଶ୍ୟକ ଖାଦ୍ୟ ଆଇନ ପ୍ରକାରେ ଆଇପିସିର ୧୮୮ ଧାରା ଅନୁଯାୟୀ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦଣ୍ଡିତ କରାଯିବ ବୋଲି ଉଲ୍ଲେଖ କରାଯାଇଛି ।

ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ଦର ମୁତାବକ, ହରଡ଼ ଡ଼ାଲି କେ.ଜି. ପ୍ରତି ପାଇକାରୀ ମୂଲ୍ୟ ୯୦ ଟଙ୍କା ରହିଥିବା ବେଳେ ଖୁଚରା ଦର ୯୫ ଟଙ୍କା ରହିଛି । ମୁଗ ଡ଼ାଲି କେଜି ପ୍ରତି ୧୦୦ ପାଇକାରୀ, ଖଚୁରା ୧୧୦ ଟଙ୍କା । ସେହିପରି ଚିନି ୩୯-୪୨, ଅଟା (ଲିଙ୍ଗରାଜ ବ୍ରାଣ୍ଡ) କେଜି ପ୍ରତି ୩୧ ଟଙ୍କା ଖୁଚୁରା ୩୩, ଅଟା ଆର୍ଶିବାଦ ୩୯-୪୧, ଅଟା (ଫରଚ୍ୟୁନ) ୩୪-୩୭, ସୋରିଷ ତେଲ ୧୦୫-୧୧୦, ପାମୋଲିନ ତେଲ ୮୭-୯୦, ଆଳୁ-୨୦-୨୨ ଏବଂ ପିଆଜ କେଜି ପ୍ରତି ପାଇକାରି ଦର ୨୦ ଟଙ୍କା ଓ ଖୁଚୁରାରେ ୨୫ ଟଙ୍କା ରହିଛି ।

## ମହାପ୍ରଭୁଙ୍କ ପାଇଁ ଢ଼େଙ୍କାନାଳରୁ ତୁଳସୀ ଆଣିଲେ ଚିଂଟୁ ବାବା

ପୁରୀ, (ପିଏନ)- ଲକ୍ ଡ଼ାଉନ୍ ଯୋଗୁଁ ଶ୍ରୀମନ୍ଦିରରେ ଫୁଲ ତୁଳସୀର ଅଭାବ ପରିଲକ୍ଷିତ ହୋଇଥିଲା । ଏହି ଖବର ପାଇବା ପରେ ଢ଼େଙ୍କାନାଳର ଚିଂଟୁ ବାବା ଓ ତାଙ୍କର ଆଶ୍ରମ ପକ୍ଷରୁ ଫୁଲ, ତୁଳସୀ ସଂଗ୍ରହ କରାଯାଇଥିଲା । ଏହାକୁ ବାଇକ୍ ରେ ସଂଯୋଗ ହୋଇଥିବା ଏକ ସ୍ୱତନ୍ତ୍ର ବାକ୍ସରେ ରଖି ଚିଂଟୁ ବାବା ଆଜି ସକାଳେ ପୁରୀରେ ପହଂଚିଥିଲେ ।

# ଇଟାଭାଟିକୁ ଭାଙ୍ଗିଲା ଧର୍ମଶାଳା ବ୍ଲକ ପ୍ରଶାସନ

ଧର୍ମଶାଳା,(ପିଏନ)-କରୋନା ସଂକ୍ରମଣ ରୋକିବା ନିମନ୍ତେ ସରକାର ବ୍ୟସ୍ତ ଥିବା ବେଳେ ଦେଶବ୍ୟାପି ଲକ୍ ଡାଉନ ଜାରି ରହିଛି । ଅନ୍ୟପକ୍ଷରେ ରାଜ୍ୟରେ ଗରମର ପ୍ରକୋପ ବଢିବାରେ ଲାଗିଛି । ଏହି ଲକ୍ ଡାଉନର ସୁଯୋଗ ନେଇ କିଛି ଇଟା ମାଫିଆମାନେ ଇଟାଭାଟି ପୋଡୁଥିବା ଦେଖିବାକୁ ମିଳିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ବ୍ଲକ ପାଟପୁର ଓ ମିର୍ଜାପୁର ଅଂଚଳରେ । କିଛି ମୁଷ୍ଟିମେୟ ବ୍ୟକ୍ତି ଲକ୍ ଡାଉନର ସୁଯୋଗ ନେଇ ଖୁଲମଖୁଲା ସରକାରୀ ନିୟମକୁ ଉଲ୍ଲଘଂନ କରି ଇଟାଭାଟିରେ ନିଆଁ ଲଗାଇଥିଲେ । ସମସ୍ତେ ଗ୍ରାମରେ ଲକ୍ ଡାଉନରେ ଘରେ ରହିଥିବାବେଳେ ଏହି କଳା ଧୂଆଁରେ ଲୋକେ ଅତିଷ୍ଠ ହୋଇପଡିଥିଲେ । ଯାହାକୁ ନେଇ ଧର୍ମଶାଳା ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇଁ ଧର୍ମଶାଳା ତହସିଲଦାର ଓ ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ ଘଟଣାସ୍ଥଳରେ ପଂହଚି ଜେସିବି ଲଗାଇ ଏହି ଜଳନ୍ତା ଇଟାଭାଟିକୁ ଭାଙ୍ଗି ଦେଇଥିଲେ । ସମ୍ପୃକ୍ତ ଇଟାଭାଟି ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି ।

# ଆଦିତ୍ୟ ବାହିନୀ ପକ୍ଷରୁ ବୁଲା ଗାଈଗୋରୁ ଓ ମାଙ୍କଡ଼ଙ୍କୁ ଖାଦ୍ୟ ପ୍ରଦାନ

ପୁରୀ, (ପିଏନ)-ଗୋବର୍ଦ୍ଧନ ପୀଠର ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ପରିଚାଳିତ ଆଦିତ୍ୟ ବାହିନୀ ପକ୍ଷରୁ ପୁରୀ ସହରର ବିଭିନ୍ନ ସ୍ଥାନରେ ବୁଲା ଗାଈଗୋରୁ, କୁକୁର ଓ ମାଙ୍କଡ଼ଙ୍କୁ ଆଜି ଖାଦ୍ୟ ପ୍ରଦାନ କରାଯାଇଛି । ଗୋବର୍ଦ୍ଧନ ମଠ ଚର୍ତୁପାର୍ଶ୍ୱ ସହିତ ଶ୍ରୀମନ୍ଦିର ଚାରିପାଖ ଏବଂ ସହରର ବିଭିନ୍ନ ସାହି, ଗଳିକନ୍ଦିରେ ଏହି ଖାଦ୍ୟ ଯୋଗାଣ ହୋଇଥିଲା । ଆଦିତ୍ୟ ବାହିନୀର କର୍ମୀ ମାନେ ସ୍ୱତନ୍ତ୍ର ପୋଷାକ ପରିଧାନ କରି ଏହି ସେବାରେ ନିୟୋଜିତ ହୋଇଥିଲେ । ଅନେକ ସ୍ଥାନରେ ମାଙ୍କଡ଼ ମାନେ ମଣିଷ ପରି ହାତ ବଢାଇ ବିସ୍କୁଟ ଓ କଦଳୀ ନେଉଥିବା ଦେଖିବାକୁ ମିଳିଥିଲା । ଗାଈଗୋରୁ ମାନଙ୍କ ନିମନ୍ତେ ସହରର ବିଭିନ୍ନ ସ୍ଥାନରେ ରଖାଯାଇଥିବା ସିମେଂଟ କୁଣ୍ଡରେ କୁଣ୍ଡା, ଗୋଖାଦ୍ୟ ସହିତ ପାଣି ମିଶାଇ ରଖିଥିଲେ । ରେଳ ଷ୍ଟେସନ ଓ ବସଷ୍ଟାଣ୍ଡ ନିକଟରେ ଥିବା ବୁଲା କୁକୁର ମାନଙ୍କୁ ସ୍ୱତନ୍ତ୍ର ଭାବେ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଥିଲା । ଏ ସମ୍ପର୍କରେ ଗୋବର୍ଦ୍ଧନ ପୀଠର ମୁଖପାତ୍ର ମନୋଜ କୁମାର ରଥ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ଲକ୍ ଡାଉନ୍ ପ୍ରଭାବରେ ଖାଦ୍ୟଭାବ ଯୋଗୁଁ ଏହି ପଶୁ ମାନେ ଭୋକରେ ଅଉଟୁ ପାଉଟୁ ହୋଇପଡୁଥିଲେ । କେତେକ ଗାଈଗୋରୁ ଓ କୁକୁର ଖାଦ୍ୟ ଆଶାରେ ଲୋକଙ୍କ ଘର ଆଗରେ ଠିଆ ହେଉଥିବା ଦେଖିବାକୁ ମିଳୁଥିଲା ।

# ସର୍ବସାଧାରଣ ସ୍ଥାନରେ ଛେପ ପକାଇଲେ ୫୦୦ ଟଙ୍କା ଜରିମାନା

ଗଞ୍ଜାମ, (ପିଏନ)-କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ନୂତନ ଗାଇଡ୍ ଲାଇନ୍ ଜାରୀ କରିଛନ୍ତି । ତଦନୁଯାୟୀ, ସର୍ବସାଧାରଣ ସ୍ଥାନରେ ଛେପ ପକାଇଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ଠାରୁ ୫୦୦ ଟଙ୍କା ଜରିମାନା ଆଦାୟ କରାଯିବ । ସେହିପରି ମୁହଁରେ ମାସ୍କ, ରୁମାଲ୍ କିମ୍ବା ଗାମୁଛା ବାନ୍ଧିନଥିଲେ ୨୦୦ ଟଙ୍କା ଜରିମାନା ଆଦାୟ କରାଯିବ । ଏହା ସହିତ ଲୋକ ମାନେ ୨ ମିଟର ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଅତ୍ୟାବଶ୍ୟକ ସାମଗ୍ରୀ କିଣିବାକୁ ଯିବା ବେଳେ ଦୁଇ କିମ୍ବା ଅଧିକ ଲୋକ ଏକାଠି ଚାଲି ଚାଲି ଯିବା ଉପରେ ମଧ କଟକଣା ଜାରୀ କରିଛନ୍ତି ଜିଲ୍ଲାପାଳ । ଏହାକୁ ଅମାନ୍ୟ କଲେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଜିଲ୍ଲାର ପ୍ରମୁଖ ଅଧିକାରୀ ମାନଙ୍କୁ ଚିଠି ଲେଖି ସେ ଏହି ନିର୍ଦ୍ଦେଶ ଜାରୀ କରିଛନ୍ତି । ଲୋକଙ୍କୁ ଏଥିପ୍ରତି ସଚେତନ କରିବା ସହ ନିୟମକୁ କଡ଼ାକଡ଼ି ପାଳନ କରିବାକୁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbko@gmail.com, paryabekhyak@gmail.com,paryabekhyak2020@rediffmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray